# ‘ମୋଦି ଦେଇଥିବା ଗ୍ୟାରେଣ୍ଟି ଧର୍ମେନ୍ଦ୍ର ପୂରଣ କରନ୍ତୁ’

**ସମ୍ବଲପୁର, ୯।୪(ସମିସ)**

ବିଜେପି ସରକାର ୨୦୧୪ ସାଧାରଣ ନିର୍ବାଚନରେ ଲୋକଙ୍କୁ ଦେଇଥିବା ଗ୍ୟାରେଣ୍ଟି ପ୍ରଥମେ ଧର୍ମେନ୍ଦ୍ର ପ୍ରଧାନ ପୂରଣ କରନ୍ତୁ। ଏହା ପରେ ଲୋକଙ୍କୁ ବିକଶିତ ଭାରତର ସ୍ୱପ୍ନ ଦେଖାଇବେ। ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାର ଗଠନ କରିବା ପୂର୍ବରୁ ସାଧାରଣ ଲୋକଙ୍କୁ ଯେଉଁ ‘ଅଚ୍ଛେ ଦିନ୍’ର ଗ୍ୟାରେଣ୍ଟି ଦେଇଥିଲେ ତାହା କେବେ ପୂରଣ ହେବ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ପଷ୍ଟ କରନ୍ତୁ।

ପଶ୍ଚିମ ଓଡ଼ିଶାର ପ୍ରାଣକେନ୍ଦ୍ର ସମ୍ବଲପୁର ଲୋକସଭା କ୍ଷେତ୍ରର ସାଂସଦ ହେବାକୁ ଧର୍ମେନ୍ଦ୍ର ଏବେ ସୁନେଲି ସ୍ୱପ୍ନ ଦେଖୁଛନ୍ତି; ହେଲେ ଉପରୋକ୍ତ ବିଷୟରେ ଧର୍ମେନ୍ଦ୍ର ଧ୍ୟାନ ଦେବା ଆବଶ୍ୟକ। ଏହାର ନିରାକରଣ ଦିଗରେ ସାଧାରଣ ଲୋକଙ୍କୁ ଗ୍ୟାରେଣ୍ଟି ପ୍ରଦାନ କରିବେ କି ବୋଲି ଏକ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସମ୍ବଲପୁର ଜିଲ୍ଲା ଯୁବ ସଭାପତି ଲକ୍ଷ୍ମୀ ପ୍ରସାଦ ମହାପାତ୍ର ପ୍ରଶ୍ନ କରିଛନ୍ତି। ସମ୍ବଲପୁରର ସ୍ୱାଭିମାନୀ ଜନତା ଗଳି ଗଳିରେ ଧର୍ମେନ୍ଦ୍ରଙ୍କୁ ଏହି ପ୍ରଶ୍ନ ପଚାରିବା ସହ ନିର୍ବାଚନରେ ପ୍ରତ୍ୟାଖ୍ୟାନ କରିବେ। ଏଥିରେ ତିଳେମାତ୍ର ଦ୍ୱିଧା ନଥିବା ଶ୍ରୀ ମହାପାତ୍ର କହିଛନ୍ତି।



ବର୍ଷକୁ ଦୁଇ କୋଟି ଚାକିରି, ପେଟ୍ରୋଲ-ଡିଜେଲ ଦର କମିବା, ରନ୍ଧନ ଗ୍ୟାସ ଦର କମିବା, ଦେଶର ଶହେ ସହରକୁ ସ୍ମାର୍ଟ ସିଟିରେ ପରିଣତ କରିବା, ଟଙ୍କା-ଡଲାର୍‌ର ବିନିମୟ ମୂଲ୍ୟ ସମାନ କରିବା, ଦେଶ ବାହାରେ ଥିବା କଳା ଧନକୁ ଜବତ୍ କରି ସାଧାରଣ ଲୋକଙ୍କୁ ୧୫ଲକ୍ଷ ଟଙ୍କା ଲେଖାଏଁ ପ୍ରଦାନ କରିବା, ବୁଲେଟ୍ ଟ୍ରେନ୍ ଆରମ୍ଭ କରିବା, ଆଧାର କାର୍ଡ ବନ୍ଦ କରିବା, ସବୁ ଗରିବ ଲୋକଙ୍କୁ ଘର ପ୍ରଦାନ କରିବା, ସରକାରୀ ଉଦ୍ୟୋଗଗୁଡ଼ିକୁ ଲାଭାନ୍ୱିତ ଉଦ୍ୟୋଗରେ ପରିଣତ କରିବା, ସମସ୍ତଙ୍କୁ ସାଥୀରେ ନେଇ ସାମଗ୍ରିକ ବିକାଶ କରିବା, ଗୋହତ୍ୟା ବନ୍ଦ କରିବା, ଚାଷୀଙ୍କୁ ସଶକ୍ତ କରି ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ପ୍ରମୁଖ ପ୍ରତିଶ୍ରୁତି ପ୍ରଦାନ କରି ୨୦୧୪ରେ ବିଜେପି କେନ୍ଦ୍ରରେ କ୍ଷମତାକୁ ଆସିଥିଲା; ହେଲେ ଏହା ପରଠାରୁ ସାଧାରଣ ଲୋକଙ୍କ କଥା ପୂରା ଭୁଲି ଯାଇଛି। ଏବେ ମୁଣ୍ଡ ଉପରେ ସାଧାରଣ ନିର୍ବାଚନ। ଏହାକୁ ଦେଖି କେନ୍ଦ୍ରର ବିଜେପି ସରକାର ପୁଣି ବିକଶିତ ଭାରତର ସ୍ୱପ୍ନ ଦେଖାଇବା ସମ୍ପୂର୍ଣ୍ଣ ହାସ୍ୟାସ୍ପଦ। କେନ୍ଦ୍ର ସରକାର କ୍ଷମତାକୁ ଆସିବା ପରେ ଯୁବବର୍ଗଙ୍କୁ ଚାକିରି ଦେବା ଦୂରର କଥା ସେନା ବାହିନୀ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଅଗ୍ନିବୀର ଭଳି ଠିକା ଯୋଜନା ଲାଗୁ କରିବା, ଚାଷୀ ବିରୋଧୀ ବିଲ୍ ଆଣି ହଜାର ହଜାର ଚାଷୀ ଆନ୍ଦୋଳନ କରି ଜୀବନ ହରାଇବା ପରେ ପୁଣି ପ୍ରତ୍ୟାହାର କରିନେବା, ଡିଜେଲ-ପେଟ୍ରୋଲ-ଗ୍ୟାସ୍ ସହ ସବୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ଆକାଶଛୁଆଁ କରିବା, ଭାରତୀୟ ସଞ୍ଚାର ନିଗମ ଲିମିଟେଡ୍, ଭାରତୀୟ ଜୀବନ ବୀମା ନିଗମ ଭଳି ଲାଭକାରୀ ଉଦ୍ୟୋଗଗୁଡ଼ିକୁ ଦୁର୍ବଳ କରିବା, ଦେଶ ବାହାରେ ଥିବା କଳାଧନକୁ ଜବତ୍ କରିବା ଦୂରର କଥା ଏହି କଳା ଧନ ଆହୁରି ବଢ଼ାଇବା ସହ ବଡ଼ ବଡ଼ ଶିଳ୍ପପତିଙ୍କ ଋଣ ଛାଡ଼ କରିବା, ଦେଶରେ ବିଫଳ ବିମୁଦ୍ରୀକରଣ ଲାଗୁ କରି ହଜାର ହଜାର ଲୋକଙ୍କ ଜୀବନହାନୀ ଘଟିବା, ଗୋ-ହତ୍ୟା କରୁଥିବା ଉଦ୍ୟୋଗ ତଥା ଅନ୍ୟାନ୍ୟ ବେସରକାରୀ ସଂସ୍ଥା ଗୁଡ଼ିକରୁ ଇଲେକ୍ଟୋରାଲ୍ ବଣ୍ଡ ମାଧ୍ୟମରେ ହଜାର ହଜାର କୋଟି ଟଙ୍କାର ଚାନ୍ଦା ଆଦାୟରେ ବ୍ୟସ୍ତ ରହି ସାଧାରଣ ଯୁବକ, ଛାତ୍ର, ମହିଳା, ଚାଷୀ, ଶ୍ରମିକ ସମସ୍ତଙ୍କ କଥା ଭୁଲିଯାଇ କେବଳ କିଛି ପୁଞ୍ଜିପତିଙ୍କ ମନୋରଞ୍ଜନ କରିବା ନିହାତି ଦୁଃଖ ଓ ପରିତାପର ବିଷୟ ବୋଲି ଶ୍ରୀ ମହାପାତ୍ର କହିଛନ୍ତି।

ସମ୍ବଲପୁର ବିଶ୍ୱବିଦ୍ୟାଳୟର ପ୍ରଶଂସନୀୟ ପ୍ରୟାସ

# ଗରିବ ଛାତ୍ରଛାତ୍ରୀଙ୍କ ପାଇଁ କର୍ପସ ଫଣ୍ଡ



**ସମ୍ବଲପୁର, ୯।୩(ସମିସ):** ସମ୍ବଲପୁର ବିଶ୍ୱବିଦ୍ୟାଳୟର କେତେକ ଅଧ୍ୟାପକ, ଅଧ୍ୟାପିକା ତଥା କର୍ମଚାରୀ ଆର୍ଥିକ ଅନଟନରେ ଥିବା ମେଧାବୀ ପିଲାମାନଙ୍କୁ ବ୍ୟକ୍ତିଗତ ଭାବେ ଆର୍ଥିକ ସହଯୋଗ କରିଆସୁଥିଲେ। ସିଧାସଳଖ ଟଙ୍କା ଦେବାବେଳେ କାଳେ ପିଲାଙ୍କ ଭାବନାରେ ଆଘାତ ଦେଉଥିବ ଭାବି କର୍ପସ ଫଣ୍ଡ କରି ପିଲାଙ୍କୁ ସହଯୋଗ କରିବାକୁ ପଦକ୍ଷେପ ଗ୍ରହଣ କଲେ। ଜାନୁଆରୀ ମାସରୁ ଆରମ୍ଭ ହୋଇଥିବା ଏହି ଯୋଜନାରେ ଏବେ ୫ଜଣ ପିଲା ଲାଭବାନ ହେଉଛନ୍ତି। ସେମାନଙ୍କ ପାଠପଢ଼ା ପାଇଁ ମାସିକ ୧ହଜାର ଟଙ୍କା ଲେଖାଏଁ ଦିଆଯାଉଛି।

**ଅର୍ଥନୀତି ବିଭାଗର ୫ ଛାତ୍ରଛାତ୍ରୀ ଉପକୃତ**
**ସମସ୍ତ ବିଭାଗରେ ଖୁବ୍‌ଶୀଘ୍ର ଲାଗୁ ହେବ**

ବିଶ୍ୱବିଦ୍ୟାଳୟ ଅର୍ଥନୀତି ବିଭାଗରେ ପ୍ରଥମ କରି ଏହି ଯୋଜନା ଲାଗୁ କରାଯାଇଥିବାବେଳେ ଖୁବ୍‌ଶୀଘ୍ର ସମସ୍ତ ବିଭାଗରେ କାର୍ଯ୍ୟକାରୀ କରାଯିବ। ଏଥିପାଇଁ ସମସ୍ତ ପ୍ରକ୍ରିୟା ଚୂଡ଼ାନ୍ତ ହୋଇଛି ବୋଲି ପିଜି କାଉନସିଲ ଅଧ୍ୟକ୍ଷ ସଞ୍ଜୁକ୍ତା ଦାସ କହିଛନ୍ତି। ସେ ଆହୁରି କହିଛନ୍ତି, ଅନୁଷ୍ଠାନିକ ଭାବେ ଛାତ୍ରଛାତୀଙ୍କୁ ଏଭଳି ସହାୟତା କଲେ ଉଚିତ୍ ପିଲା ଲାଭ ନେଇପାରିବେ। ଏହାସହ ଏକ ପ୍ରକ୍ରିୟା ଦେଇ ଚୟନ କରାଯିବ। ପ୍ରତି ମାସରେ ପିଲାଙ୍କ ଜମା ଖାତାରେ ଟଙ୍କା ଦିଆଯାଉଛି। ପାଠ ପଢ଼ାରେ ଟଙ୍କା ବାଧକ ହେବ ନାହିଁ, ତେଣୁକରି ଏହି ଯୋଜନା କରାଯାଇଛି। ଗରିବ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଉଚ୍ଚଶିକ୍ଷା ଗ୍ରହଣରେ ଅନେକ ସମୟରେ ଅର୍ଥ ବାଧକ ସାଜିଥାଏ। ତେଣୁ ପ୍ରତିମାସରେ ମିଳିବ ସହାୟତା। ଗରିବ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଆର୍ଥିକ ସହାୟତାର ଭୂମିକା ବହୁତ ଅଧିକ ରହିଛି। କର୍ପସ ଫଣ୍ଡ ଗଠନ କରିବାକୁ ମୁଁ ନିଜେ ପ୍ରସ୍ତାବ ଦେଇଥିଲି। ସିଣ୍ଡିକେଟରେ ତାହା ଅନୁମୋଦନ ହୋଇଯାଇଥିଲା। ଏହାସହ ପ୍ରତି ବିଭାଗରେ ଏଭଳି କରିବାକୁ ପ୍ରସ୍ତାବ ଦିଆଯାଇଛି। ୪ ଗୋଟି ବିଭାଗ ଆରମ୍ଭ କରି ଦେଇଛନ୍ତି। ଅନ୍ୟ ବିଭାଗ ମଧ୍ୟ ଏହା ଶୀଘ୍ର ଲାଗୁ କରିବେ। ଅର୍ଥନୀତି ବିଭାଗରେ ୧୦ଲକ୍ଷ ଟଙ୍କା ଜମା କରାଯାଇଛି। ମିଳୁଥିବା ସୁଧ ପିଲାମାନଙ୍କୁ ଦିଆଯାଉଛି। କେତେକ ପୁରାତନ ଛାତ୍ର ମଧ୍ୟ ଟଙ୍କା ଦେଇଛନ୍ତି, ଆଗକୁ ମଧ୍ୟ ଦେବାକୁ ସହମତି ଦେଇସାରିଛନ୍ତି। ଏଭଳି ସବୁ ବିଭାଗରେ କର୍ପସ ଫଣ୍ଡ କରାଯାଇ ଯାହାର ସୁଧରେ ଗରିବ ପିଲାମାନଙ୍କୁ ଆର୍ଥିକ ସହାୟତା ଦିଆଯିବାର ବ୍ୟବସ୍ଥା କରାଯାଉଛି। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଦ୍ୟୁଭୂଷଣ ମିଶ୍ର ଏହି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି। କୁଳପତି ପ୍ରଫେସର ମିଶ୍ର ଅର୍ଥନୀତି ବିଭାଗ ଭଳି ସମସ୍ତ ବିଭାଗ ଏହାକୁ ଶୀଘ୍ର ଲାଗୁ କରିବାକୁ କହିଛନ୍ତି।

## ବନଦୁର୍ଗା ପୀଠରେ ବାସନ୍ତୀକ ନବରାତ୍ର



**ପଡ଼ିଆବାହାଲ, ୯।୪(ସମିସ):** କୁଲୁଣ୍ଡି ଗ୍ରାମପଞ୍ଚାୟତ ପତ୍ରାପାଲି ବଡ଼ରମା ଘାଟି ନିକଟରେ ଥିବା ମାଁ ବନଦୁର୍ଗାଙ୍କ ପୀଠରେ ବାସନ୍ତୀକ ନବରାତ୍ର ଆରମ୍ଭ ହୋଇଛି। ଗତକାଲି ସନ୍ଧ୍ୟାରେ କଳସ ଆବାହନ କରି ଆନୁଷ୍ଠାନିକ ଭାବେ ମା’ଙ୍କ ବାସନ୍ତୀକ ନବରାତ୍ର ପୂଜା ଆରମ୍ଭ ହୋଇଥିଲା। ଚଳିତ ପୂଜାରେ ହଲଦିବାହାଲ ଗ୍ରାମର ଗୌନ୍ତିଆ ପରିବାରର ସଦସ୍ୟ ଅମ୍ବରିଶ ଶର୍ମା ଓ ତାଙ୍କ ପତ୍ନୀ ଝରଣା ଶର୍ମା କର୍ତ୍ତା ଭାବେ ଦାୟିତ୍ୱ ତୁଲାଉଛନ୍ତି। ପୂଜକ ସିଦ୍ଧାର୍ଥ ସାହା ଓ ତାଙ୍କ ସହକର୍ମୀ ପଣ୍ଡିତ ଭାବରେ ଦାୟିତ୍ୱ ନିର୍ବାହ କରୁଛନ୍ତି। ମା’ଙ୍କ ପୀଠରେ ଅଖଣ୍ଡ ଦୀପ ପ୍ରଜ୍ୱଳନ ପାଇଁ ମଧ୍ୟ ସୁବ୍ୟବସ୍ଥା କରାଯାଇଛି। ପ୍ରତ୍ୟହ ଉପଚାର ପୂଜା, ଚଣ୍ଡୀପାଠ, ହୋମ ଓ ଆଳତୀ ପରେ ଶ୍ରଦ୍ଧାଳୁମାନଙ୍କ ପାଇଁ ଅନ୍ନଭୋଗର ବ୍ୟବସ୍ଥା ହୋଇଛି ବୋଲି ମାଁ ବନଦୁର୍ଗା ଟ୍ରଷ୍ଟ ପକ୍ଷରୁ ସୂଚନା ମିଳିଛି। ଏହାଛଡ଼ା ଆଳତୀ ପରେ ସବୁଦିନ ସନ୍ଧ୍ୟାରେ ବିଭିନ୍ନ ସଙ୍କୀର୍ତ୍ତନ ଦଳ କୀର୍ତ୍ତନ ପରିବେଷଣ କରିବେ।

## ଲକ୍ଷ୍ମୀ ବସ୍ ନ ଚାଲିଲେ ଭୋଟ୍ ବର୍ଜନ କରିବେ ଦୁଇ ଗ୍ରାମବାସୀ

**ନାକଟିଦେଉଳ, ୯।୪(ସମିସ):** ନାକଟିଦେଉଳ ବ୍ଲକ ବାଟଗାଁ ଗ୍ରାମପଞ୍ଚାୟତର ବୁଟାସିଂହା ଓ ପାଣ୍ଡୁନାଳୀ ଗ୍ରାମବାସୀ ଆଗାମୀ ଲୋକସଭା ଓ ବିଧାନସଭା ନିର୍ବାଚନ ବର୍ଜନ କରିବେ ବୋଲି ଜିଲ୍ଲାପାଳଙ୍କ ପାଖକୁ ଚିଠି ପଠାଇଥିବା ଜଣାପଡ଼ିଛି। ସୂଚନା ଅନୁସାରେ, ଓଡ଼ିଶା ସରକାରଙ୍କ ଲକ୍ଷ୍ମୀବସ୍ ଯୋଜନା ଅନୁସାରେ ଏହି ଦୁଇ ଗ୍ରାମଦେଇ ବସ୍ ଚଳାଚଳ ପାଇଁ ରୋଡ୍ ମ୍ୟାପ୍ ପ୍ରସ୍ତୁତି ହୋଇ ବ୍ଲକ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ୱୀକୃତି ହୋଇଥିଲା। ବ୍ଲକ ପ୍ରଶାସନ ପକ୍ଷରୁ ୨ଟି ବସ୍‌ଷ୍ଟପ୍ ମଧ୍ୟ ନିର୍ମାଣ ହେଉଛି। ଏହି ଦୁଇ ଗ୍ରାମ ଦୁର୍ଗମ ଅଞ୍ଚଳ ହୋଇଥିବାରୁ ବସ୍ ଯୋଗେ ଯିବା ପାଇଁ ଅନ୍ୟୂନ ୪/୫ କିମି ଯିବାକୁ ପଡ଼ିଥାଏ। ଯେଉଁ ଗ୍ରାମଗୁଡ଼ିକରେ ଆଦୌ ବସ୍ ସେବା ନାହିଁ ସେହି ଗ୍ରାମଗୁଡ଼ିକୁ ଲକ୍ଷ୍ମୀବସ୍ ସେବା ଯୋଗାଇ ଦିଆଯିବ ବୋଲି ପ୍ରଶାସନ କହିଥିଲା। ତେବେ କାହିଁକି ଏଥିରୁ ଏହି ଦୁଇ ଗ୍ରାମକୁ ବାଦ୍ ଦିଆଯାଇଛି ବୋଲି ଗ୍ରାମବାସୀ ଚିଠିରେ ଉଲ୍ଲେଖ କରିଛନ୍ତି। ଲକ୍ଷ୍ମୀ ବସ୍ ନ ଚାଲିଲେ ନିର୍ବାଚନ ବର୍ଜନ କରିବେ ବୋଲି ଉଭୟ ଗ୍ରାମବାସୀ ଚିଠିରେ ଉଲ୍ଲେଖ କରିଛନ୍ତି।

## ଶିଶୁ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ



**ହୀରାକୁଦ, ୯।୪(ସମିସ):** ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ପରିଚାଳନା ସମିତିର ଯୁଗ୍ମସମ୍ପାଦକ ସୋମନାଥ ତରିଆ ଯୋଗଦେଇ ରାଷ୍ଟ୍ରୀୟ ନବବର୍ଷକୁ ଆମେ ସମସ୍ତେ ପାଳନ କରିବା ବୋଲି ଆଶୀର୍ବଚନ ଦେଇଥିଲେ। ସମ୍ବଲପୁର ଜିଲ୍ଲାର ଧର୍ମଜାଗରଣ ପ୍ରମୁଖ ବିନୟ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଷ୍ଟ୍ରୀୟ ନବବର୍ଷ ବିଷୟରେ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପ୍ରତାପ କୁମାର ନାୟକ ସ୍ୱାଗତ ଭାଷଣ, ଅତିଥି ପରିଚୟ ସହିତ ଏହି ଚୈତ୍ର ଶୁକ୍ଳ ପ୍ରତିପଦ ତିଥିରେ ରାଷ୍ଟ୍ରୀୟ ନବବର୍ଷ କାହିଁକି ମାନିଥାଉ ତା’ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଶିଶୁ ଭଉଣୀମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଗୁରୁଜୀ ରାଜେନ୍ଦ୍ର ମଟାରୀ ବୌଦ୍ଧିକ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ପ୍ରମୁଖ ସ୍ନିଗ୍ଧାମୟୀ ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିଶୁ ଭାଇଭଉଣୀ, ଆଚାର୍ଯ୍ୟଆଚାର୍ଯ୍ୟା ନଗର ପରିକ୍ରମା କରି ତଥା ନିଜ ପଡ଼ାରେ ଜନସାଧାରଣଙ୍କୁ ରାଷ୍ଟ୍ରୀୟ ନବବର୍ଷର ଅଭିନନ୍ଦନ ପତ୍ର ଦେଇ ଶୁଭେଚ୍ଛା ଜଣାଇଥିଲେ। ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମ ସୂଚାରୁ ରୂପେ ପାଳନ ହୋଇଥିଲା।

## ପାଖେଇ ଆସିଲାଣି ନିର୍ବାଚନ: ‘ସମ୍ବଲପୁରିଆ’ ଗ୍ରୁପ୍ ସରଗରମ୍

**ସମ୍ବଲପୁର, ୯।୪(ସମିସ):** ଦୀର୍ଘଦିନରୁ ସମ୍ବଲପୁର ଜିଲ୍ଲାର ରାଜନେତା, ବୁଦ୍ଧିଜୀବୀ, ଯୁବବର୍ଗ, ମହିଳାମାନଙ୍କୁ ନେଇ ସାମାଜିକ ଗଣମାଧ୍ୟମରେ ଗଠିତ ହୋଇଛି ‘ସମ୍ବଲପୁରିଆ’ ନାମରେ ଏକ ହ୍ୱାଟସ୍‌ଆପ୍ ଗ୍ରୁପ। ଏହି ଗ୍ରୁପରେ ସହର, ଗ୍ରାମାଞ୍ଚଳ, ରାଜ୍ୟ ତଥା ଦେଶବିଦେଶର ଅନେକ ପ୍ରସଙ୍ଗକୁ ନେଇ ଆଲୋଚନା ହୋଇଥାଏ। ଏବେ ସାଧାରଣ ନିର୍ବାଚନ ୨୦୨୪ ପ୍ରକ୍ରିୟା ଆରମ୍ଭ ହୋଇଛି। ଗ୍ରୁପରେ ଥିବା ବିଭିନ୍ନ ବ୍ୟକ୍ତି ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କ ବିକାଶକୁ ନେଇ ପ୍ରତିଦିନ ପ୍ରଶ୍ନ କରୁଛନ୍ତି।



**ବିକାଶର ନକ୍ସା ଦେଖାଇଲେ ବିଧାୟକ ରୋହିତ ପୂଜାରୀ**

ଏହି ଗ୍ରୁପରେ ଥିବା ରେଢ଼ାଖୋଲ ବିଧାୟକ ତଥା ବିଜୁ ଜନତା ଦଳର ସମ୍ବଲପୁର ଜିଲ୍ଲା ସଭାପତି ରୋହିତ ପୂଜାରୀ ଜନତାଙ୍କ ପ୍ରଶ୍ନର ଉତ୍ତର ରଖିଛନ୍ତି। ବିଜେଡି ସରକାର ସମୟରେ ରାଜ୍ୟରେ ବିକାଶ ଓ ରୂପାନ୍ତରୀକରଣ କାର୍ଯ୍ୟ ହୋଇଛି ବୋଲି ଉଲ୍ଲେଖ କରିଛନ୍ତି। ଏହାସହ ନିଜ ନିର୍ବାଚନମଣ୍ଡଳୀରେ ୭ବର୍ଷ ଭିତରେ ହୋଇଥିବା ବିକାଶର ଲମ୍ବା ତାଲିକା ସର୍ବସମ୍ମୁଖରେ ରଖିଛନ୍ତ। ସେ ଉଲ୍ଲେଖ କରିଛନ୍ତି, ରେଢ଼ାଖୋଲ ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ୬୦୦ଗୋଟି ଗ୍ରାମ ଓ ପଡ଼ାରେ ବିଦ୍ୟୁତ୍ ସଂଯୋଗ ହୋଇ ନଥିଲା। ୨୦୧୫ରୁ ମୁଁ ବିଧାୟକ ହେଲାପରେ ପର୍ଯ୍ୟାୟକ୍ରମେ ସମସ୍ତ ଗ୍ରାମ ଓ ପଡ଼ାରେ ବିଦ୍ୟୁତ୍ ଆଲୁଅ ପହଞ୍ଚିପାରିଛି। ରାସ୍ତାଘାଟ ସମସ୍ୟା ଲାଗିରହିଥିଲା। ରାଜ୍ୟ ସରକାର ବିଭିନ୍ନ ଯୋଜନା ଓ ବିଭାଗ ଦ୍ୱାରା ନବୀକରଣ କରିଛନ୍ତି। ବିଭିନ୍ନ ଗ୍ରାମଗୁଡ଼ିକରେ ଥିବା ନଦୀନାଳରେ ବିଜୁ ସେତୁ ନିର୍ମାଣ କରି ଗମନାଗମନ ସୁବିଧା ଉପଲବ୍ଧ କରିଛନ୍ତି। ଭତ୍ତା, ଘର, ବିଡିକାରୀଗରଙ୍କୁ ସାମାଜିକ ସହାୟତା ଭଳି ଅନେକ ଲୋକାଭିମୁଖୀ ଯୋଜନା ପହଞ୍ଚି ପାରିଛି। ପ୍ରତି ଘରେ ପାଣି ପହଞ୍ଚିବ ବୋଲି ପ୍ରକଳ୍ପ କାମ ଚାଲିଛି। ଶିକ୍ଷାକ୍ଷେତ୍ରରେ ବିକାଶ ପାଇଁ ପ୍ରତି ବ୍ଲକରେ ଆଦର୍ଶ ସ୍କୁଲ ଖୋଲାଯାଇଛି। ମୁଖ୍ୟମନ୍ତ୍ରୀ ଖେଳକୁଦ ପାଇଁ ଗୁରୁତ୍ୱ ଦେଇ ଯୁଯୁମୁରାରେ ଏକ ବିଶ୍ୱସ୍ତରୀୟ ହକି ଷ୍ଟାଡିୟମ ନିର୍ମାଣ କରିଛନ୍ତି। ଏହାସହ ରେଢ଼ାଖୋଲରେ ଭୀମଭୋଇ ସ୍ମୃତିପୀଠ, ଦେବଝରଣ ଇକୋ ଟୁରିଜମ୍ ଭଳି ପର୍ଯ୍ୟଟନସ୍ଥଳର ବିକାଶ ପାଇଁ କୋଟି କୋଟି ଟଙ୍କା ଦିଆଯାଇଛି। ଧାର୍ମିକ ଅନୁଷ୍ଠାନ ପାଇଁ ମୁଖ୍ୟମନ୍ତ୍ରୀ ସହାୟକ ପାଣ୍ଠିରୁ ୪ଟି ବ୍ଲକରେ ୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା କାମ ଚାଲିଛି। କେବଳ ରେଢ଼ାଖୋଲ ନୁହେଁ ସମଗ୍ର ଜିଲ୍ଲାରେ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ରହିଛି ଓ ବିକାଶ ହେଉଛି ବୋଲି କହିଛନ୍ତି। ଏହାସହ ସମ୍ବଲପୁର ସହରରେ ବିଜେପି ବିଧାୟକ ଅଛନ୍ତି। ସେ କ’ଣ କାମ କରିଛନ୍ତି ଉତ୍ତର ରଖନ୍ତୁ ବୋଲି ପ୍ରଶ୍ନ କରିଛନ୍ତି।

## ଭିମସାର ନିର୍ଦ୍ଦେଶକଙ୍କ ସହ ସାଂସଦଙ୍କ ଆଲୋଚନା

**ବୁର୍ଲା, ୯।୪(ସମିସ):** ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି ବୁର୍ଲା ଭିମସାର ଯାଇ ଭାରପ୍ରାପ୍ତ ନିର୍ଦ୍ଦେଶକଙ୍କ ସହ ସାକ୍ଷାତ୍ କରିଛନ୍ତି। ସାକ୍ଷାତ୍ ସମୟରେ ଭିମସାରକୁ ଆସୁଥିବା ରୋଗୀଙ୍କର ସ୍ୱାସ୍ଥ୍ୟ ସୁବିଧା ବିଷୟରେ ଆଲୋଚନା କରିଥିଲେ। ପରେ ଅସ୍ଥିଶଲ୍ୟ ମହିଳା ବିଭାଗକୁ ଯାଇ ରୋଗୀମାନଙ୍କୁ ଦୁଃଖସୁଖ ପଚାରିଥିଲେ। ଡାକ୍ତର ବିଜୟ କୁମାର ଲାମିଆଙ୍କୁ ଭେଟିଥିଲେ ଏବଂ ପଶ୍ଚିମବଙ୍ଗର ଜଣେ ଗରିବ ମହିଳା ରୋଗୀ ସୁସ୍ଥ ହୋଇଥିବାରୁ ତାଙ୍କୁ ସାଂସଦ ପାଣ୍ଠି ଅନୁଦାନରେ ଆସିଥିବା ଆମ୍ବୁଲାନ୍ସ ଯୋଗେ ଘରକୁ ପଠାଇଥିଲେ। ଅସ୍ଥିଶଲ୍ୟ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ବ୍ରଜ ସୁନ୍ଦର ସାହୁ ଓ ମେଡିସିନ ବିଭାଗ ପ୍ରଫେସର ଡାକ୍ତର ଚକ୍ରଧର ମାଝିଙ୍କୁ ସ୍ୱତନ୍ତ୍ର ସାକ୍ଷାତ କରି ସେମାନଙ୍କ ରୋଗୀ ସେବାକୁ ପ୍ରଶଂସା କରିଥିଲେ। ଏହାସହ କୋଭିଡ୍ ସମୟରେ ନିଃସ୍ୱାର୍ଥପର ଭାବରେ ସେବା କରିଥିବା ସହଯୋଗୀ ପ୍ରଫେସର ଡାକ୍ତର ଜଗନ୍ନାଥ ହାତୀଙ୍କୁ କୋଭିଡ ଯୋଦ୍ଧାରେ ସରକାରଙ୍କ ପକ୍ଷରୁ ସମ୍ମାନିତ ହୋଇଥିବାରୁ ତାଙ୍କୁ ମଧ୍ୟ ପ୍ରଶଂସା କରିଥିଲେ। ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଙ୍କ ସହିତ ରେଡକ୍ରସ ପୃଷ୍ଠପୋଷକତା ସମାଜସେବୀ ନିହାଲ ସିଂ, ରାଜ୍ୟସଭା ସାଂସଦଙ୍କ ଆରଡିସି ପ୍ରତିନିଧି ଏମ୍‌ଡି ପରବେଜ ଖାନ, ଜିଲ୍ଲା ପ୍ରତିନିଧି ଆଶିଷ ନନ୍ଦ, ପୂର୍ବତନ ବିଜେଡି ବୁର୍ଲା ନଗର ସଭାପତି ପ୍ରଫୁଲ୍ଲ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ବୁଦୁଲାପାଲି ଅଙ୍ଗନବାଡ଼ି କେନ୍ଦ୍ର ରୂପାନ୍ତରିତ

**କୁଚିଣ୍ଡା, ୯।୪(ସମିସ):** ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଏବଂ ଆଞ୍ଚଳିକ ବ୍ୟବସାୟ କାର୍ଯ୍ୟାଳୟ ସମ୍ବଲପୁର ସହଯୋଗରେ ବୁଦୁଲାପାଲି ଅଙ୍ଗନବାଡ଼ି କେନ୍ଦ୍ର ରୂପାନ୍ତରୀତ ହୋଇଛି। ସ୍ୱେଚ୍ଛାସେବୀ ଅନୁଷ୍ଠାନ ସାର୍କ ଆନୁକୂଲ୍ୟରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ କୁଚିଣ୍ଡା ଷ୍ଟେଟ ବ୍ୟାଙ୍କ କାର୍ଯ୍ୟାଳୟ ମୁଖ୍ୟ ଶାଖା ପରିଚାଳକ ବିଜୟ କୁମାର ତାଣ୍ଡି ମୁଖ୍ୟ ଅତିଥି ରୂପେ ଯୋଗଦାନ କରି ଶିଶୁ ଓ ମା’ମାନଙ୍କୁ ଆଦର୍ଶ ଶିକ୍ଷା ଓ ଶିଶୁ ବିକାଶରେ ଅଙ୍ଗନୱାଡିର ଭୂମିକା ବିଷୟରେ ଅବଗତ କରାଇଥିଲେ। ଶିଶୁମାନଙ୍କ ସୃଜନଶୀଳତାର ବିକାଶ, ଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା, ଡିଜିଟାଲ ଶିକ୍ଷା, ବିଭିନ୍ନ ପ୍ରକାରର ଖେଳ ଓ ଶିକ୍ଷଣ ସାମଗ୍ରୀ ଦିଆଯିବା ସଙ୍ଗେ ସଙ୍ଗେ ଅଙ୍ଗନବାଡି କେନ୍ଦ୍ରର ସୌନ୍ଦର୍ଯ୍ୟକରଣ କରାଯାଇଛି। କନକଲତା ନାୟକ ସିଡ଼ିପିଓ, କୁଚିଣ୍ଡା, ସୁକାନ୍ତ କୁମାର ପଟେଲ, ପ୍ରଧାନ ଶିକ୍ଷକ, ବୁଦୁଲାପାଲି ପ୍ରାଥମିକ ବିଦ୍ୟାଳୟ ଏବଂ ସାକ୍‌ର୍ ସମ୍ବଲପୁର ପ୍ରକଳ୍ପ ଅଧିକାରୀ ମଧୁସୂଦନ ଚଇନି ଓ ସମ୍ପାଦକ ଅଶୋକ ପାଣିଗ୍ରାହୀ ଉଦଘାଟନୀ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

## ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**କୁଚିଣ୍ଡା, ୯।୪(ସମିସ):** କୁଚିଣ୍ଡା ଥାନା ପାନପାଲି ଗ୍ରମର କିରଣ ମୁଣ୍ଡାଙ୍କ ପତ୍ନୀ ଲିସା ମୁଣ୍ଡା(୨୫)ଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି। ସେ ଗତ ଦଶହରାଠାରୁ ନିଜ ୨ବର୍ଷର ଛୁଆକୁ ନେଇ ମାଁ ଘର କୁଲୁଣ୍ଡି ନିକଟସ୍ଥ ସମାପଡ଼ାରେ ରହୁଥିଲେ। କିଛିଦିନ ହେବ ଗନଘୋଷା ଯାଇ ନିଜ ମାମୁଁ ଘରେ ରହୁଥିଲେ। ତେବେ ସୋମବାର ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ଏହାଦେଖି ତାଙ୍କ ମାଉସୀ ଏକ ବାଇକ୍ ଯୋଗେ ସମାପଡ଼ା ବାପଘରେ ଛାଡ଼ିଦେଇଥିଲେ। ଏହାଦେଖି ବାପାମାଁ କୁଚିଣ୍ଡା ଡାକ୍ତରଖାନାକୁ ନେଇଥିଲେ। ମଙ୍ଗଳବାର ସକାଳୁ ଲିସାଙ୍କ ମୃତ୍ୟୁ ହୋଇଯାଇଥିଲା। ଏ ନେଇ ପାନପାଲିଠାରେ ରହୁଥିବା ଲିସାର ସ୍ୱାମୀ କିରଣ ମୁଣ୍ଡାଙ୍କୁ ଜଣାଇଥିଲେ ମଧ୍ୟ ସେ ପହଞ୍ଚି ନଥିଲେ। ମୃତ ଲିସାର ଶବକୁ ମାଁବାପା ବଡ଼ କଷ୍ଟରେ ଶବ ଗୃହକୁ ବ୍ୟବଚ୍ଛେଦ ପାଇଁ ନେଇଥିଲେ। ଏ ନେଇ କୁଚିଣ୍ଡା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## ପାଣିରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**କୁଚିଣ୍ଡା, ୯।୪(ସମିସ):** କୁଚିଣ୍ଡା ଥାନା ଡିମ୍ବିରିମୁଣ୍ଡା ବେଲବୁଡ଼ା ଗ୍ରାମର ଗଙ୍ଗାଧର ବାଘ(୭୩)ଙ୍କ ମୃତଦେହ ଗାଁ ପୋଖରୀରେ ଭାସୁଥିବା କିଛି ସ୍କୁଲ ପିଲା ଦେଖିବା ପରେ ପରିବାରବର୍ଗଙ୍କୁ କହିଥିଲେ। ପରିବାର ଲୋକେ ଆସି ପୋଖରୀରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରି କୁଚିଣ୍ଡା ଡାକ୍ତରଖାନାକୁ ଆଣିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। କୁଚିଣ୍ଡା ପୁଲିସ ଶବ ବ୍ୟବଚ୍ଛେଦ କରିବାରବର୍ଗଙ୍କୁ ହସ୍ତାନ୍ତର କରିଥିଲା।

## ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଏଡ୍‌ସ ସଚେତନତା




**ନାକଟିଦେଉଳ, ୯।୪(ସମିସ):** ନାକଟିଦେଉଳ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରେଡ଼ ରିବନ କ୍ଲବ ଏବଂ ରେଡ଼କ୍ରସ ବିଭାଗ ପକ୍ଷରୁ ଏଚ୍‌ଆଇଭି ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ମନୋରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ନାକଟିଦେଉଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡା. ସୁରଭି ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଏଚ୍‌ଆଇଭିର କାରଣ ଓ ନିରାକରଣ ବିଷୟରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ସୈନିକ ଗୋବର୍ଦ୍ଧନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରେଡ଼କ୍ରସର ଭୂମିକା ଓ ଏଡ୍‌ସ ସଚେତନତା ଉପରେ ଆଲୋକପାତ କରିଥିଲେ। ଏ ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ପ୍ରବନ୍ଧ, ବକ୍ତୃତା ଓ କୁଇଜ୍ ପ୍ରତିଯୋଗିତା ହୋଇ କୃତୀ ଛାତ୍ରଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ରେଡ଼କ୍ରସ ସଂଯୋଜକ ସରୋଜ କୁମାର ଭୁଏ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀ ସହଯୋଗ କରିଥିଲେ।

# ଜଗନ୍ନାଥ ସଂସ୍କୃତି ଏବଂ ଶକ୍ତିତତ୍ତ୍ୱ ବିଷୟରେ ଜାତୀୟ ଆଲୋଚନାଚକ୍ର

**ରେଢ଼ାଖୋଲ, ୯।୩(ସମିସ)**

ରେଢ଼ାଖୋଲ ବ୍ଲକ କଦଳିଗଡ଼ ଗ୍ରାମପଞ୍ଚାୟତ କନ୍ଧରାସ୍ଥିତ ଭୀମଭୋଇ ସ୍ମୃତିପୀଠରେ ମଙ୍ଗଳବାର ଜଗନ୍ନାଥ ସଂସ୍କୃତି ଏବଂ ଶକ୍ତି ତତ୍ତ୍ୱ ବିଷୟରେ ଏକ ଜାତୀୟ ଆଲୋଚନାଚକ୍ର



ହୋଇଥିଲା। ରାଉରକେଲା ମହର୍ଷି ବ୍ୟାସଦେବ ରାଷ୍ଟ୍ରୀୟ ପ୍ରାଚ୍ୟ ବିଦ୍ୟା ପ୍ରତିଷ୍ଠାନ ଦ୍ୱାରା ଉତ୍କଳ ପୀଠ, ତିରୁପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏବଂ କଦଳିଗଡ଼ ଅର୍ଜୁନ ସ୍ନାତକ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଆଲୋଚନାଚକ୍ର ହୋଇଥିଲା। ଏଥିରେ ଅର୍ଜୁନ ଡିଗ୍ରୀ କଲେଜର ଅଧ୍ୟକ୍ଷ ଅଖିଳେନ୍ଦ୍ର ଶାସନୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥିମାନଙ୍କୁ ଛାତ୍ରଛାତ୍ରୀ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରିଥିଲେ। ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏବଂ କିସ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ ଯୋଗଦାନ କରି ପଶ୍ଚିମ ଓଡ଼ିଶାର ଦୈବୀ ଶକ୍ତି ତତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ପ୍ରଫେସର ଶତପଥୀ କହିଥିଲେ, ଦୈବୀ ଶକ୍ତି ବିନା ଜଗନ୍ନାଥ ସଂସ୍କୃତି ଅସମ୍ପୂର୍ଣ୍ଣ। ପଶ୍ଚିମ ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟ ଲୋକ ଦୈବୀ ଶକ୍ତିଙ୍କୁ ଆରାଧନା କରି ତାଙ୍କର ଜୀବନଚର୍ଯ୍ୟା ପରିପାଳନ କରୁଥିଲେ। ପଶ୍ଚିମ ଓଡ଼ିଶାରେ ଶକ୍ତି ତତ୍ତ୍ୱ ବିଷୟରେ ଅଧିକ ଗବେଷଣା କରି ଏହାର ପ୍ରଚାରପ୍ରସାର ନିମନ୍ତେ ପୁସ୍ତକ ପ୍ରକାଶନ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସମ୍ମାନିତ ଅତିଥି ଭାବେ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ତିରୁପତି ଉତ୍କଳ ପୀଠର ନିର୍ଦ୍ଦେଶକ ପ୍ରଫେସର୍ ଜ୍ଞାନରଞ୍ଜନ ପଣ୍ଡା ଆଲୋଚନାଚକ୍ରର ବୈଶିଷ୍ଟ ଏବଂ ଉଦ୍ଦେଶ୍ୟ ବିଷୟରେ ଆଲୋକପାତ କରିଥିଲେ। ଏଥିରେ ବକ୍ତା ଭାବରେ ଭୀମଭୋଇ ଡିଗ୍ରୀ କଲେଜର ଅଧ୍ୟାପକ ଡଃ ଭୋଜରାଜ ଏବଂ ବୌଦ୍ଧ ପଞ୍ଚାୟତ କଲେଜର ପ୍ରାଧ୍ୟାପକ ଡଃ ପ୍ରତାପ ରଥ ସ୍ଥାନୀୟ ଦେବୀପୀଠ ସହ ଜଗନ୍ନାଥ ସଂସ୍କୃତି ବିଷୟରେ ସୂଚନା ପ୍ରଦାନ କରିଥିଲେ। କଲେଜ ପରିଚାଳନା କମିଟି ସଭାପତି କୃଷ୍ଣଚନ୍ଦ୍ର ହୋତା ସଭାପତିତ୍ୱ ଭାଷଣ ପ୍ରଦାନ କରିଥିଲେ। ଇତିହାସ ବିଭାଗର ଅଧ୍ୟାପକ ବୈନତେୟ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ଜାତୀୟ ଆଲୋଚନାଚକ୍ରରେ କଲେଜ ପରିଚାଳନା କମିଟିର ସମସ୍ତ ସଦସ୍ୟ, କର୍ମଚାରୀ, ଅଧ୍ୟାପକ ସୁଦର୍ଶନ ଷଣ୍ଢ, ଅଧ୍ୟାପିକା ବିସ୍ମିତା ମହାକୁଡ଼, ଅଧ୍ୟାପିକା ଅସୀମା ପ୍ରଧାନ, ବେଲାରସେନ ସାହୁ ଏବଂ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ।

### ଭୀମଭୋଇ ସ୍ମୃତିପୀଠ ଏବଂ ପ୍ରାପ୍ତିସ୍ଥାନ ପରିଦର୍ଶନ

ପ୍ରଫେସର ହରେକୃଷ୍ଣ ଶତପଥୀ ପୂର୍ବତନ କୁଳପତି ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ଏବଂ ପ୍ରଫେସର ଜ୍ଞାନରଞ୍ଜନ ପଣ୍ଡା ନିର୍ଦ୍ଦେଶକ ଉତ୍କଳ ପୀଠ ରାଷ୍ଟ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ତିରୁପତି ସନ୍ଥକବି ଭୀମଭୋଇ ପ୍ରାପ୍ତିସ୍ଥାନ ଏବଂ ସ୍ମୃତି କୁପ ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ସନ୍ଥକବି ଭୀମ ଭୋଇଙ୍କ ବିଷୟରେ ଅଧିକ ପ୍ରଚାରପ୍ରସାର ନିମନ୍ତେ ତିରୁପତି ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଏକ ଭୀମଭୋଇ ଚେୟାର ପ୍ରତିଷ୍ଠା କରିବା ପାଇଁ ଆଲୋଚନା କରିଥିଲେ। ପରିଦର୍ଶନ ସମୟରେ ବୌଦ୍ଧ କଲେଜର ଅଧ୍ୟାପକ ଡଃ ପ୍ରତାପ ରଥ, ଅର୍ଜୁନ ଡିଗ୍ରୀ କଲେଜର ଅଧ୍ୟକ୍ଷ ଅଖିଳେନ୍ଦ୍ର ଶାସନୀ, ଡିଗ୍ରୀ କଲେଜ ପରିଚାଳନା କମିଟିର ସମସ୍ତ ସଦସ୍ୟ, ସ୍ଥାନୀୟ କମିଟିର ସଭାପତି, ସମ୍ପାଦକ ଉପସ୍ଥିତ ଥିଲେ।



### ଶୋକାକୁଳ ପରିବେଶରେ ଅନ୍ତିମ ଶୋଭାଯାତ୍ରା

# କାର୍ ଧକ୍କାରେ ଯବାନଙ୍କ ପରଲୋକ

**ବରପାଲି, ୯ ।୪ (ସମିସ):** ବରପାଲି ବ୍ଲକ ବାଗବାଡ଼ି ଗ୍ରାମର ଅରୁଣ ବେହେରା କାର୍ଯ୍ୟରତ ଜବାନଙ୍କ କାର ଦୁର୍ଘଟଣାରେ ବିୟୋଗ ହୋଇଯାଇଛି । ଭାରତୀୟ ରିଜର୍ଭ ଦ୍ୱିତୀୟ ବାଟାଲିୟନରେ ଜବାନ ଭାବରେ କାର୍ଯ୍ୟ କରୁଥିବା ଅରୁଣ ଗତ ସୋମବାର ପୂର୍ବାହ୍ନରେ କୌଣସି କାର୍ଯ୍ୟରେ ନାରାୟଣପାଟଣା ବ୍ଲକ ତେନ୍ତୁଲିପଦର ରିଜର୍ଭ କେମ୍ପରୁ ବାହାରକୁ ଯାଇ ଫେରୁଥିବା ବେଳେ ଏକ କାର ସହ ଧକ୍କା ହୋଇଥିଲେ । ଗୁରୁତର ଅବସ୍ଥାରେ ଡାକ୍ତରଖାନାକୁ ନିଆଯାଇଥିଲା । ହେଲେ ଡାକ୍ତର ଅରୁଣଙ୍କୁ ମୃତ ଘୋଷଣା କରିଥିଲେ । ଖବର ପ୍ରଚାରିତ ହେବା ପରେ ବାଗବାଡ଼ି ସହ ବରପାଲି ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଥିଲା । ମଙ୍ଗଳବାର ଜବାନଙ୍କ ମର



ଶରୀର ବରପାଲି ସୀମାକୁ ପହଞ୍ଚିବା ପରେ ବିଭିନ୍ନ ସଂଗଠନ, ଅନୁଷ୍ଠାନ ଓ ରାଜନୈତିକ ନେତା ସମ୍ମାନ ଜଣାଇବା ସହ ଗଭୀର ସମବେଦନା ଜଣାଇଥିଲେ । ପରେ ଏକ ଶୋଭାଯାତ୍ରାରେ ଜନ୍ମମାଟି ବାଗବାଡ଼ିକୁ ନିଆଯାଇଥିଲା । ଅନ୍ତିମ ଯାତ୍ରାରେ ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟଙ୍କ ସମେତ ବିଜେପି ଜିଲ୍ଲା ସଭାପତି ଅଶ୍ୱିନୀ ଷଡଙ୍ଗୀ, କଂଗ୍ରେସ ନେତା ନିପନ ଦାଶ, ସ୍ଥାନୀୟ ଓକିଲ ସଂଘ ସଭାପତି ମନୋଜ ପଟ୍ଟନାୟକ, ସରପଞ୍ଚ ପ୍ରତିନିଧି ମୁକେଶ ଭୋଇ, ସମିତିସଭ୍ୟ ପ୍ରତିନିଧି ସୁଦାମ ମେହେର, ଜିଲ୍ଲା ପରିଷଦ ସଦସ୍ୟ ଗୋବିନ୍ଦ ସାହୁ, ଅମୂଲ୍ୟ ଦାଶଙ୍କ ସମେତ ପରିବାର ପରିଜନ, ଗ୍ରାମବାସୀ ସମ୍ମିଳିତ ହୋଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ଅତାବିରା ବିଜେପି ପ୍ରାର୍ଥୀଙ୍କ ବିରୋଧରେ ଅସନ୍ତୋଷକୁ ମଣ୍ଡଳ ସଭାପତିଙ୍କ ଖଣ୍ଡନ

**ବରଗଡ଼, ୯।୪(ସମିସ):** ଅତାବିରାରେ ବିଜେପି ପ୍ରାର୍ଥିତ୍ୱକୁ ବିରୋଧ କରିବା ନେଇ କିଛି ଅସନ୍ତୁଷ୍ଟ ଆଶାୟୀ ତଥା କର୍ମକର୍ତା ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରିଥିଲେ । ଯାହାକୁ ଆଜି ଅତାବିରା ନିର୍ବାଚନମଣ୍ଡଳୀର କେତେକ ମଣ୍ଡଳ ସଭାପତି ଖଣ୍ଡନ କରିବା ସହ ବିଜେପି ପ୍ରାର୍ଥୀତ୍ୱ ପ୍ରତି ସେମାନଙ୍କ ସମର୍ଥନ ରହିଥିବା କହିଛନ୍ତି । ଗତ ୫ ତାରିଖରେ ଅତାବିରା ନିର୍ବାଚନମଣ୍ଡଳୀ ପାଇଁ ଆଶାୟୀ ଥିବା ବିଜେପିର ଇଂ ଭରତ ବେହେରା, ବିଜେପି ଶ୍ରମିକ ସଂଘର ଉର୍କୁଲୁ ତାଣ୍ଡି ଙ୍କ ସମେତ ଜିଲ୍ଲା ମହିଳା ମୋର୍ଚ୍ଚାର ସୁନନ୍ଦା ମେହେର ସହ କିଛି କର୍ମକର୍ତ୍ତା ନିହାର ମହାନନ୍ଦଙ୍କ ପ୍ରାର୍ଥୀତ୍ୱକୁ ନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରିଥିଲେ । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଅତାବିରାରେ ବିଜେପି ପ୍ରାର୍ଥୀ ପରିବର୍ତନ କରି ଦଳକୁ ତୃଣମୂଳସ୍ତରରେ ମଜବୁତ କରିଥିବା ଆଶାୟୀଙ୍କ ମଧ୍ୟରୁ ପ୍ରାର୍ଥୀ କରାଯିବାକୁ ଅସନ୍ତୁଷ୍ଟ ବିଜେପି ଆଶାୟୀ ଦାବି କରିଥିଲେ । ଯାହାକୁ ନେଇ ମଣ୍ଡଳ ସଭାପତିମାନେ ନିହାର ମହାନନ୍ଦଙ୍କୁ ସମର୍ଥନ କରୁଥିବା ଘୋଷଣା କରିବା ସହ ଅସନ୍ତୁଷ୍ଟ ଆଶାୟୀଙ୍କ ବକ୍ତବ୍ୟକୁ ଖଣ୍ଡନ କରିଥିଲେ । ସାମ୍ବାଦିକ ସମ୍ମିଳନୀରେ କାଠଡେରା ମଣ୍ଡଳ ସଭାପତି ପୁଷ୍ପକ ଗାଇଗରିଆ, ପପଙ୍ଗା ମଣ୍ଡଳ ସଭାପତି ଧନେଶ୍ୱର ପାଢ଼ୀ, ଅତାବିରା ମଣ୍ଡଳ ସଭାପତି ସୁରେନ୍ଦ୍ର ସ୍ୱାଇଁ, ପାହାଡ଼ଶ୍ରୀଗିଡ଼ା ମଣ୍ଡଳ ସଭାପତି ସଦାଶିବ ପ୍ରଧାନ, ସଂକ୍ରିଡା ମଣ୍ଡଳ ସଭାପତି ଭୀମସେନ ମଲ୍ଲିକ, ଭେଡେନ ମଣ୍ଡଳ ସଭାପତି ଜୟଦେବ ପ୍ରଧାନ, କାଦୋବାହାଲ ମଣ୍ଡଳ ସଭାପତି ପଞ୍ଚାନନ ଗୁରୁ ଏବଂ କୁଲୁଣ୍ଡା ମଣ୍ଡଳ ସଭାପତି ଦୀପକ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

# ଅବାଧ ଓ ନିରପେକ୍ଷ ନିର୍ବାଚନ ପାଇଁ ପୁଲିସର ଫ୍ଲାଗ୍‌ମାର୍ଚ୍ଚ



**ପଦ୍ମପୁର, ୯ ।୪ (ସମିସ):** ଆଗାମୀ ସାଧାରଣ ନିର୍ବାଚନକୁ ସ୍ୱଚ୍ଛ, ନିରପେକ୍ଷ ଓ ଅବାଧ କରିବା ପାଇଁ ପୁଲିସ ପକ୍ଷରୁ ଜନସଚେତନ କରାଯାଉଛି ।ପଦ୍ମପୁର ଉପଖଣ୍ଡ ପୁଲିସ ଅଧିକାରୀ ବିଭୁତି ଭୂଷଣ ଭୋଇଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଝାରବନ୍ଧ ଥାନା ଅଧିକାରୀ ଶୁଚିସ୍ମିତା ମହାନ୍ତି ଓ ଆଇଆରବି ଯବାନ, ପୁଲିସ ଥାନା ଷ୍ଟାଫ ଅମଠି, ସଂକ୍ରି ଗ୍ରାମରେ ଫ୍ଲାଗ ମାର୍ଚ୍ଚ କରିଛନ୍ତି । ଭୋଟର ମାନଙ୍କୁ ଭୟ ମୁକ୍ତ ଭାବରେ ନିଜର ମତବ୍ୟକ୍ତ କରିବାକୁ ବୁଝାଇ ଥିଲେ ।

# ଶିଶୁ ମନ୍ଦିରରେ ହିନ୍ଦୁ ନବବର୍ଷ ପାଳିତ

**ଦହିତା, ୯।୪ (ସମିସ) :** ଜୁରିଆସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ପରିସରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି । ଆଚାର୍ଯ୍ୟ ଅମୂଲ୍ୟ ବୈକାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟବକ୍ତା ଭାବରେ ପ୍ରଧାନ ଆଚାର୍ଯ୍ୟ ପରମାନନ୍ଦ ଖମାରୀ ଯୋଗଦାନ କରିଥିଲେ । ପ୍ରଥମେ ଶ୍ରୀ ଖମାରୀ ଭାରତମାତା ଏବଂ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ପ୍ରତିଷ୍ଠାତା ଡଃ. କେଶବ ବଳିରାମ ହେଡଗେୱାରଙ୍କ ଫଟୋଚିତ୍ର ଦ୍ୱୀପ ପ୍ରଜ୍ୱଳନ କରିଥିଲେ । ସେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ଏବଂ ଡଃ. ହେଡ୍‌ଗେୱାରଙ୍କ ଜୀବନୀ ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଏଥିରେ କ୍ଷୀରୋଦ୍ର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଣତି ସୁଆର ବ୍ୟକ୍ତିଗତ ଗୀତ ଗାଇଥିଲେ । ମାନସୀ ପଟ୍ଟନାୟକ, ରାସେଶ୍ୱରୀ ବନଛୋର, ମୀନା ନାୟକ, ସୁଭଶ୍ରୀ ସିଂଦେଓ, ଚୁଡାମଣି ନାଏକ, ବିକ୍ରମ ବରିହା, ସୁମନ୍ତ ମେହେର, ସୁଶାନ୍ତ ସାହୁ, ପ୍ରିୟଙ୍କା ସିଂଦେଓ, ହରିପ୍ରିୟା ନାୟକ, ମିତା ଦଣ୍ଡସେନା, ବର୍ଷାରାଣୀ ସାହୁ, ଝିଲି ବାଗ, ଚତୁର୍ଭୁଜ ସାହୁ, ଚନ୍ଦ୍ରକଳା ପଟେଲ, କୃଷ୍ଣ ସୁନା, ପ୍ରେମାନନ୍ଦ ବଗର୍ତ୍ତି, ନରେନ୍ଦ୍ର ବରିହା, ନରେନ୍ଦ୍ର ଚୌହାନ, କୃଷ୍ଣ ବରିହା, ଗଜେନ୍ଦ୍ର ଭୋଇ, ଧର୍ମରାଜ ସାହୁ, ଜୟଲାଲ ବିଭାର ପ୍ରମୁଖ ସହଯୋଗ କରିଥିଲେ । ରୋଜାରାଣୀ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ ।

### ଅଦିନିଆ ବର୍ଷା ଓ କୁଆପଥର ମାଡ଼ରେ ବ୍ୟାପକ ଫସଲ କ୍ଷତି

# ରବି ଫସଲ ବୀମା ବିଜ୍ଞପ୍ତି ପ୍ରକାଶ ପାଇନି; କ୍ଷତିପୂରଣ ନେଇ ଚାଷୀ ବଞ୍ଚିତ ହେବା ଆଶଙ୍କା

**ପଦ୍ମପୁର, ୯ ।୪ (ସମିସ)**

ଗତ ୩ଦିନ ହେବ ପଦ୍ମପୁର ଉପଖଣ୍ଡରେ ଅଦିନିଆ ବର୍ଷା ହେବା ସହିତ କିଛି ସ୍ଥାନରେ କୁଆପଥର ମଧ ମାଡ଼ ହୋଇଛି । ଅଦିନିଆ ବର୍ଷା ସହ କୁଆପଥର ମାଡ଼ ଯୋଗୁଁ ପଦ୍ମପୁର ଅଞ୍ଚଳରେ ବ୍ୟାପକ ଫସଲ କ୍ଷତି ହୋଇଥିବା ଜଣାଯାଇଛି । ରବି ଧାନ ସ୍ଥାନେ ସ୍ଥାନେ ପାଚିବା ଆରମ୍ଭ ହୋଇଥିବା ବେଳେ ବହୁ ଜମିରେ କଖାରୁ ଫୁଲ ଗୁଡ଼ିକ କଷି ଧରିଛି । ଏହି ସମୟରେ କୁଆପଥର ମାଡ଼ ଫସଲକୁ ନଷ୍ଟ କରିଦେଇଛି । ଅଞ୍ଚଳରେ ବ୍ୟାପକ ଜମିରେ ଥିବା ପନିପରିବା ଫସଲ ସମେତ ବହୁ ଜମିର ରବିଧାନ ଫସଲ ମଧ କ୍ଷତିଗ୍ରସ୍ତ ହୋଇଛି । ବର୍ତ୍ତମାନ ଖରାଟିଆ ମୁଗ ଚାଷର ଅମଳ ସମୟ ହୋଇଥିବା ବେଳେ କୁଆପଥର ଓ ବର୍ଷାରେ ତାହା ନଷ୍ଟ ହେବାରେ ଲାଗଛି । ବ୍ୟାପକ ଜମିରେ ଚାଷୀ କରିଥିବା କଖାରୁ, ପୋଟଳ, ବାଇଗଣ, ଟମୋଟୋ, କାକୁଡ଼ି ଗଛ ଭାଙ୍ଗି ପଡ଼ିଛି । ସେହିପରି ଜଙ୍ଗଲଜାତ ଦ୍ରବ୍ୟ ମହୁଲ, ଚାର, ତେନ୍ତୁଳି, ଆମ୍ବ ବର୍ଷାରେ ଝଡ଼ି ଯାଇଛି ।



ଏହି ଅଞ୍ଚଳର ଲୋକେ ମହୁଲ ଫୁଲ ଗୋଟାଇ ବିକ୍ରି କରିବା ସେମାନଙ୍କ ରୋଜଗାର ମୁଖ୍ୟ ପନ୍ଥା ହୋଇଥିବା ବେଳେ ଏହି ଅଦିନିଆ ବର୍ଷା ଏହାକୁ ଉଜାଡ଼ି ଦେଇଛି । ଅଦିନିଆ ବର୍ଷା ବହୁ ଅର୍ଥକାରୀ ଫସଲକୁ ନଷ୍ଟ କରି ଦେଇଛି । ଚାଷୀ ବାରମ୍ବାର ରାଜନୈତିକ ଆକ୍ରୋଶ, ପ୍ରଶାସନର ମିଥ୍ୟା ପ୍ରତିଶ୍ରୁତି, ଅଭାବି ଧାନବିକ୍ରିର ଶିକାର, ଫସଲ ବୀମା ପାଇବାରେ ସମସ୍ୟା, ଇନ୍‌ପୁଟ ସବସିଡିରେ ହଇରାଣ ହେଉଥିବା ବେଳେ ଏବେ ଅଦିନିଆ ବର୍ଷା ଓ କୁଆପଥର ମାଡ଼ ଚାଷୀର ଦୁଃଖକୁ ବହୁଗୁଣ ବୃଦ୍ଧି କରି ଦେଇଛି । ବାରମ୍ବାର କ୍ଷତି ସହି ଆସୁଥିବା ଚାଷୀ କୌଣସି ସୁବିଧା ସୁଯୋଗ ହାତେଇବାକୁ ହେଲେ ସିଧାସଳଖ ମିଳେ ନାହିଁ, ବରଂ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ବାଧ ହୁଏ । ଚଳିତ କୁଆପଥର ମାଡ଼ରେ ନଷ୍ଟ ହୋଇଥିବା ଫସଲର କ୍ଷତି ପୂରଣ ପାଇଁ ମଧ ରାଜରାସ୍ତାକୁ ଓହ୍ଲାଇବାକୁ ପଡ଼ିପାରେ ବୋଲି ବହୁ ଚାଷୀ ସଂଗଠନ ଆଶଙ୍କା ବ୍ୟକ୍ତ କରିଛନ୍ତି । ପ୍ରଶାସନିକ ସ୍ତରରେ ତୁରନ୍ତ ଅଦିନିଆ ବର୍ଷା ଓ କୁଆପଥର ମାଡ଼ରେ କ୍ଷତିଗ୍ରସ୍ତ ଚାଷର ଆକଳନ କରି କ୍ଷତିଗ୍ରସ୍ତ ଚାଷୀଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରାଯିବାକୁ ଦାବି ଉଠିଛି । ବିଧିବଦ୍ଧ ଭାବରେ ରବି ଫସଲ ବୀମା ବିଜ୍ଞପ୍ତି ପ୍ରକାଶ ପାଇ ନଥିବାରୁ ଚାଷୀ ବୀମା ସୁଯୋଗରୁ ବଞ୍ଚିତ ହେବା ନେଇ ବହୁ ଚାଷୀ ଆଶଙ୍କା ପ୍ରକାଶ କରିଛନ୍ତି । ବର୍ତ୍ତମାନ କେବଳ ଇନପୁଟ ସବସିଡିକୁ ନଜର ରହିଛି । ଇତି ମଧ୍ୟରେ ରାଜବୋଡ଼ାସମ୍ବର କୃଷକ ସଂଗଠନର ଏକ ପ୍ରତିନିଧି ମଣ୍ଡଳୀ କ୍ଷତିଗ୍ରସ୍ତ ସାନକୁଞ୍ଜାରୀ, ଲୁହୁରାକୋଟ, ଲହଣ୍ଡିପୁର, ଚର୍ଦାପାଲି କ୍ଷତିଗ୍ରସ୍ତ ଅଞ୍ଚଳ ଗସ୍ତ କରି କ୍ଷତି ପୂରଣ ଦାବି କରିଛନ୍ତି ।

# ନୀଳିବନ୍ଧପଡ଼ାରେ 'ଆସ ଆମେ ପଢ଼ିବା' ଶିକ୍ଷାଦାନ କାର୍ଯ୍ୟକ୍ରମ



**ବରଗଡ଼, ୯/୪(ସମିସ):** ଶିଶୁଶ୍ରୀ ଭ୍ରାମ୍ୟମାଣ ପାଠାଗାରର ବସ୍ତି ପରିକ୍ରମା କ୍ରମରେ ସ୍ଥାନୀୟ ନୀଳିବନ୍ଧପଡ଼ା ସ୍ଥିତ ଗଣପତି ପାଠାଗାର ପରିସରରେ 'ଆସ ଆମେ ପଢ଼ିବା କାର୍ଯ୍ୟକ୍ରମ' ଅନୁଷ୍ଠିତ ହୋଇଯାଇଛି । ପାଠାଗାର ଉପଦେଷ୍ଟା ସାମାଜିକ କର୍ମୀ ଅର୍ଜୁନ ସେଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବସ୍ତି ଅଞ୍ଚଳର ପିଲାମାନଙ୍କୁ ଖାତା କଲମ ବଣ୍ଟନ ସହ ଅଭିଜ୍ଞ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କ ଦ୍ୱାରା ଶିକ୍ଷାଦାନ କରାଯାଇଥିଲା । ଗୀତ, ଗଳ୍ପ, ମଜାକଥା ଓ ସାଧାରଣ ଜ୍ଞାନ ମାଧ୍ୟମରେ ପିଲାମାନଙ୍କର ମୌଳିକ ଓ ବୌଦ୍ଧିକ ଜ୍ଞାନର ବିକାଶ ପାଇଁ ଚେଷ୍ଟା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଦିବ୍ୟକାନ୍ତି ଭୋଇ, ମୀନା ପଣ୍ଡା, ସାମାଜିକ କର୍ମୀ ସଂଘମିତ୍ରା ପଟେଲ, ଆଲୋକ ରଞ୍ଜନ ଦାଶ, ପ୍ରତ୍ୟୁଷ ଷଡ଼ଙ୍ଗୀ, ସ୍ମାରକ ସରାଫ, ଯଶୋବନ୍ତୀ ପୋଢ, ସନ୍ତୋଷିନୀ ପଦ୍ୟା, ପୁଷ୍ପାଞ୍ଜଳି ସାହୁ ପ୍ରମୁଖ ଶିକ୍ଷାଦାନ କରିଥିଲେ । କାର୍ଯ୍ୟକ୍ରମରେ ଛାତ୍ର ଛାତ୍ରୀମାନଙ୍କ ମଧ୍ୟରୁ ଲିଶା ସାହୁ, ସିଦ୍ଧେଶ୍ୱରୀ ମେହେର, ସୋନି ବିଶ୍ୱକର୍ମା, ଲଭଲି ବଗର୍ତ୍ତି, ଲତିକା ଦଳବେହେରା ପ୍ରମୁଖଙ୍କୁ ପୁରସ୍କୃତ କରାଯିବା ପାଇଁ ମନୋନୀତ କରାଯାଇଥିଲା । କାର୍ଯ୍ୟକ୍ରମକୁ ଶିଶୁଶ୍ରୀର ଆବାହକ ଡ. ରବିନାରାୟଣ ସାହୁ ସଂଯୋଜନା କରିଥିଲେ ।

# ସହରମୁହାଁ ଆହତ ହରିଣ ଉଦ୍ଧାର

**ବରଗଡ଼, ୯।୪(ସମିସ):** ବରଗଡ଼ ବନଖଣ୍ଡ ବିଭାଗ ତରଫରୁ ସହର ମୁହାଁ ହୋଇ ଆହତ ଅବସ୍ଥାରେ ପଡ଼ିରହିଥିବା ହରିଣକୁ ଉଦ୍ଧାର କରାଯାଇଛି । ଆହତ ହରିଣର ଗୋଟିଏ ଗୋଡ ଭାଙ୍ଗି ଯାଇଥିବା ବେଳେ ବନବିଭାଗ ତରଫରୁ ପ୍ରାଣୀ ଚିକିତ୍ସାଳୟରେ ଚିକିତ୍ସିତ କରିବା ସହ ବରଗଡ଼ ବରାହଗୁଡ଼ା ସ୍ଥିତ ରେଞ୍ଜ ଅଫିସରେ ତାର ଯତ୍ନ କରାଯାଉଛି । ମଙ୍ଗଳବାର ସକାଳ ପ୍ରାୟ ୬ ଟା ସମୟରେ ବରଗଡ଼ ଟେଙ୍ଗନାନାଲା ମୁଖ୍ୟ କେନାଲ ନିକଟରେ ଏକ ହରିଣ ଆହତ ଅବସ୍ଥାରେ ପଡ଼ି ରହିଥିଲା । ସ୍ଥାନୀୟ ଲୋକେ ଆହତ ହରିଣକୁ ଦେଖି ପୁଲିସ ପିସିଆରକୁ ଖବର ଦେଇଥିଲେ । ପରେ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କୁ ଅବଗତ କରାଯିବା ସହ ତାକୁ ଉଦ୍ଧାର କରାଯାଇଥିଲା । ଗ୍ରୀଷ୍ମରେ ପାଣିର ଉତ୍ସ କମି ଯାଇଥିବାରୁ ପାଣି ଅନ୍ୱେଷଣରେ ଘଞ୍ଚ ଜଙ୍ଗଲ ଭିତରୁ ହୀରାକୁଦ ଜିରୋ ପଏଣ୍ଟ ନିକଟକୁ ଚାଲିଆସିଥିବା ସହ କେନାଲ ପାଣିରେ ଭାସି ଆସିଥିବା ବନବିଭାଗ ତରଫରୁ ଅନୁମାନ କରାଯାଉଛି । ଟେଙ୍ଗନାନାଲା ନିକଟରେ ବରଗଡ଼ କେନାଲରୁ ରାସ୍ତା ଉପରକୁ ଚାଲିଆସି ଜାତୀୟ ରାଜପଥ ଅତିକ୍ରମ ସମୟରେ କୌଣସି ଗାଡ଼ି ତାକୁ ଧକ୍କା ଦେଇଥିବା ଫଳରେ ସେ ଆହତ ହୋଇଥିବା କୁହାଯାଉଛି । ହରିଣର ଗୋଟିଏ ଗୋଡ଼ ଭାଙ୍ଗି ଯାଇଥିବା ଏବଂ ମୁଣ୍ଡରେ କ୍ଷତ ଚିହ୍ନ ରହିଥିବା ଦେଖିବାକୁ ମିଳିଛି । ବନବିଭାଗ ତରଫରୁ ବରାହାଗୁଡ଼ା ରେଞ୍ଜ ଅଫିସରେ ତାର ଚିକିତ୍ସା ଚାଲିଥିବା ଏବଂ ସୁସ୍ଥ ହେଲା ପରେ ଡେବ୍ରିଗଡ଼ ଅଭୟାରଣ୍ୟରେ ଛାଡି ଦିଆଯିବ ବୋଲି ରେଞ୍ଜ ଅଧିକାରୀ ଆରତୀ ନେଗୀ ସୂଚନା ଦେଇଛନ୍ତି ।



**କେନାଲରେ ଭାସି ଆସିଥିବା ଅନୁମାନ**

**ଡାହାଣ ଗୋଡ଼ ଭାଙ୍ଗିଛି, ମୁଣ୍ଡରେ କ୍ଷତଚିହ୍ନ**

ଅପରପକ୍ଷେ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଡେବ୍ରିଗଡ଼ ତଥା ଜଙ୍ଗଲ ମାନଙ୍କରେ ପଶୁପକ୍ଷୀଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣର ପାନୀୟ ଜଳର ବ୍ୟବସ୍ଥା କରାଯିବାକୁ ପରିବେଶ ପ୍ରେମୀ ଦାବି କରିଛନ୍ତି ।

# ଗଇଲଗୁଡା ସାହାଜପାଣି ରାସ୍ତା ଶୋଚନୀୟ

ଦହିତା, (ସମିସ) ୯।୪: ପଦ୍ମପୁର ଉପଖଣ୍ଡ ଖଲିଆପାଲି ପଞ୍ଚାୟତର ଗଇଲଗୁଡା ଗାଁମୁଣ୍ଡରୁ ସାହାଜପାଣି ଏବଂ ଚକମକପୋରୀକୁ ସଂଯୋଗ କରିଥିବା ଗ୍ରାମ୍ୟରାସ୍ତା ଶୋଚନୀୟ ହୋଇପଡ଼ିଛି । ଏହି ରାସ୍ତାଟି ଅଣଓସାରିଆ ଏବଂ ରାସ୍ତା ମଝିରେ ଗେଟି ମେଟାଲ ଏବଂ ଖାଲଖମା ସୃଷ୍ଟି ହୋଇଛି । ବର୍ଷା ହେଲେ ଖାଲରେ ବର୍ଷାପାଣି ପୋଖରୀର ଭ୍ରମ ସୃଷ୍ଟି କରୁଛି । ଏହି ରାସ୍ତାଦେଇ ପ୍ରତିଦିନ ଶତାଧିକ ଛାତ୍ରଛାତ୍ରୀ ପଦ୍ମପୁର ଏବଂ ଦହିତା କଲେଜକୁ ଯିବା ଆସିବା କରିଥାନ୍ତି । ରାସ୍ତାର ଏଭଳି ଅବସ୍ଥା ଯୋଗୁଁ ଲୋକେ ଅସନ୍ତୋଷ ପ୍ରକଟ କରିଛନ୍ତି । ରାସ୍ତା ମରାମତି ନେଇ ଅନେକ ଥର ଆପତ୍ତି ଅଭିଯୋଗ କରାଯାଇ ଦାବି ଜଣାଇଥିଲେ ମଧ ପ୍ରଶାସନ ଦୃଷ୍ଟି ଦେଉନଥିବା ଅଭିଯୋଗ ହୋଇଛି । ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ ପାଇଁ ଦୃଢ଼ ଦାବି ହେଉଛି ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ହିନ୍ଦୁ ନବବର୍ଷ ପାଳିତ

ପଦ୍ମପୁର, ୯ ।୪ (ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପଦ୍ମପୁରରେ ରାଷ୍ଟ୍ରୀୟ ନବବର୍ଷ ପାଳିତ ହୋଇଯାଇଛି । ଏହି ଅବସରରେ ଶିଶୁ ମନ୍ଦିର ପରିସରରେ ଗୁରୁଜୀ ସତ୍ୟ ନାରାୟଣ ସାହା ପ୍ରଦୀପ ପ୍ରଜ୍ୱଳନ କରି ହିନ୍ଦୁ ନବବର୍ଷର ଉଦ୍ଦେଶ୍ୟ ପ୍ରତିପାଦିତ କରିଥିଲେ । ମୁଦିରଥ ପଣ୍ଡା, ମିନତୀ ପଟ୍ଟନାୟକ, ସୁଜାତା ତ୍ରିପାଠୀ ପ୍ରମୁଖ ହିନ୍ଦୁ ନବବର୍ଷର ପରିକଳ୍ପନା ବିଷୟରେ ମତବ୍ୟକ୍ତ କରିଥିଲେ । ଗୁରୁମା ପିଙ୍କି ସାହୁ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଗୁରୁଜୀ ହରି ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଠିକ ସେହିପରି ବିଦ୍ୟାମନ୍ଦିର ପରିସରରେ ସହ ପ୍ରଧାନ ଆଚାର୍ଯ୍ୟ ଚୈତନ୍ୟ ଭୋଇ ଦୀପ ପ୍ରଜ୍ୱଳନ କରି ହିନ୍ଦୁ ନବବର୍ଷର ଉଦ୍ଦେଶ୍ୟ ପ୍ରତିପାଦିତ କରିଥିଲେ । ଗୁରୁମା ଚିତ୍ରା ଖର୍ସେଲ, କଲ୍ୟାଣୀ ମିଶ୍ର, ରଞ୍ଜିତା ଭୋଇ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଶୈଳସୂତା ମିଶ୍ରଙ୍କ ପରଲୋକ



**ବରଗଡ଼, ୯।୪(ସମିସ):** ବରଗଡ଼ ୱାର୍ଡ ନମ୍ବର ୧୩ ନିବାସୀ ଧର୍ମପରାୟଣ ମହିଳା ଶୈଳସୂତା ମିଶ୍ର (୭୮)ଙ୍କ ପରଲୋକ ହୋଇଯାଇଛି । ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ସୁଦର୍ଶନ ମିଶ୍ର, ଦୁଇ ପୁଅ ହରିଶ, ନରେଶ, ତିନି ଝିଅ ସଂଯୁକ୍ତା, ମଞ୍ଜୁଲତା, ଗୀତା ତଥା ନାତିନାତୁଣୀ ଓ ପରିବାରବର୍ଗ ଉପସ୍ଥିତ ଥିଲେ । ସ୍ଥାନୀୟ ଜୀରାନଦୀ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ମୁଖାଗ୍ନି ଦେଇଥିଲେ ।

# ଖୁଣ୍ଟୁଲିପାଲିରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ

**ଥୁଆପାଲ, ୯ ।୪(ସମିସ)** ବରଗଡ଼ ଜିଲ୍ଲା ଡାଲବ ପଞ୍ଚାୟତର ଖୁଣ୍ଟୁଲିପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି । ଏହି ଦିବସରେ ବିଦ୍ୟାଳୟର ସଭାପତି ସୁରେନ୍ଦ୍ର କୁମାର ଦାଶ ମୁଖ୍ୟଅତିଥି ଓ ଅଶ୍ୱିନୀ ପଧାନ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ । ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଭୋଜରାଜ ଦୁଆନ ଅତିଥି ପରିଚୟ ପ୍ରଦାନ କରିଥିଲେ । ମୁଖ୍ୟଅତିଥି ହିନ୍ଦୁ ନବବର୍ଷ ଉପରେ ଆଲୋକପାତ କରିଥିଲେ । ସହ ପ୍ରଧାନ ଆଚାର୍ଯ୍ୟ ମୁନୁ ବଢ଼େଇ ନବବର୍ଷ ପାଇଁ ଏକ ସଙ୍ଗୀତ ଗାନ କରିଥିଲେ । ଗୁରୁମା ସ୍ୱାନ୍ତନା ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ । ପରିଶେଷରେ ସଂଘ ପ୍ରାର୍ଥନା ଓ ସମିତି ପ୍ରାର୍ଥନା କରାଯାଇଥିଲା । ସମସ୍ତ ଗୁରୁଜୀ, ଗୁରୁମା, ସେବକ ଓ ସେବିକାଙ୍କ ସହଯୋଗରେ ଏହି ଉତ୍ସବ ପାଳିତ ହୋଇଥିଲା ।

# ନ୍ୟୁ ଡନ୍‌ବସ୍କୋ ଏକାଡେମୀର ବାର୍ଷିକ ଉତ୍ସବ

**ଥୁଆପାଲି, ୯ ।୪(ସମିସ):** ବରଗଡ଼ ଜିଲ୍ଲା ଥୁଆପାଲି ନ୍ୟୁ ଡନବସ୍କୋ ଏକାଡେମୀ ଇଂରାଜୀ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଭାପତିତ୍ୱ କରିଥିଲେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉତ୍ତମ କୁମାର ସାହୁ । ମୁଖ୍ୟଅତିଥି ଭାବେ କଦୋବାହାଲ ମହାବିଦ୍ୟାଳୟର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ଦାଶ, ସମ୍ମାନିତ ଅତିଥି ଭାବେ ବରଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷୟିତ୍ରୀ ଗୀତାଞ୍ଜଳି ପଣ୍ଡା, ନ୍ୟୁ ଡନବସ୍କୋ ବିଦ୍ୟାଳୟର ମେନେଜିଂ ଡାଇରେକ୍ଟର ସୁନୀଲ କୁମାର ସିଂ, ବିଦ୍ୟାଳୟର ଉପଦେଷ୍ଟା ତଥା କ୍ରୀଡ଼ାବିତ ଗୋପାଳ ସେଠ ଯୋଗଦାନ କରିଥିଲେ । ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଉତ୍ସବରେ ସମସ୍ତ ଅଭିଭାବକ, ଅଭିଭାବିକା ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଉପସ୍ଥିତ ସହଯୋଗ କରିଥିଲେ । ବିଦ୍ୟାଳୟର ଶିକ୍ଷୟତ୍ରୀ ମିନତୀ ମାଝୀ, ଶିକ୍ଷକ ଅତୁଲ୍ୟ ମହାନନ୍ଦ ପ୍ରମୁଖ ପରିଚାଳନା କରିଥିଲେ ।

# ଗଙ୍ଗାଧର ଚିତ୍ରକଳା ଓ ଶିଳ୍ପକଳା ପ୍ରଦର୍ଶନୀ ଉଦ୍‌ଯାପିତ

**ବରପାଲି, ୯ ।୪ (ସମିସ)**

ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ଉପଲକ୍ଷେ ରାଉତ ଆର୍ଟ ଗ୍ୟାଲେରୀ ଓ ଗଙ୍ଗାଧର ସ୍ମୃତିଭବନ କମିଟୀ ପକ୍ଷରୁ ଆୟୋଜିତ କବି ଗଙ୍ଗାଧରଙ୍କ ଚିତ୍ରକଳା ଓ ଶିଳ୍ପକଳା ପ୍ରଦର୍ଶନୀ ଉଦଯାପିତ ହୋଇଯାଇଛି । ଉଦ୍‌ଯାପନୀ ଉତ୍ସବରେ ବିଭିନ୍ନ ଜିଲ୍ଲାରୁ ପହଞ୍ଚିଥିବା ୨୮ଜଣ ଚିତ୍ରଶିଳ୍ପୀଙ୍କୁ ସମ୍ମାନିତ କରାଯାଇଥିଲା । ଗଙ୍ଗାଧର ମେହେର ମହିଳା ସଙ୍ଘ ବରପାଲି ଦ୍ୱାରା ଆୟୋଜିତ ଏହି ସଭାରେ ମୁଖ୍ୟଅତିଥି ବୈଶମ୍ପାୟନ ମେହେର, ମୁଖ୍ୟବକ୍ତା ଡ. ମଞ୍ଜୁଳିକା ନାୟକ, ଗଙ୍ଗାଧର ସ୍ମୃତିଭବନ କମିଟି ସଭାପତି ରବୀନ୍ଦ୍ର ଗଡ଼ତିଆ ପ୍ରମୁଖ ଚିତ୍ରଶିଳ୍ପୀ ମାନଙ୍କୁ ପ୍ରମାଣ ପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ । ୫ ଦିନ ଧରି ଚାଲିଥିବା ଏହି ପ୍ରଦର୍ଶନୀରେ ସମ୍ମାନିତ ଚିତ୍ରଶିଳ୍ପୀ ମାନେ ହେଲେ ବନ୍ଦନା ପଣ୍ଡା, ଲୀନା ମେହେର, ରଞ୍ଜିତା ମିଶ୍ର, ସଂସ୍କୃତିକା ପୁରୋହିତ, ମାହି ଯାଦବ, ସୁନନ୍ଦିତା ପତି, ବନ୍ଦିନୀ ରମାକାନ୍ତ ତ୍ରିପାଠୀ, ଧ୍ରୁବ ବେହେରା, କମଳାକାନ୍ତ ମହାରଣା, ପ୍ରିତିଶ ସାହୁ, ପ୍ରଜ୍ଞାଶ୍ରୀ ବାଗ, କେଶବ ବେହେରା, ଅନିତା ସାହୁ, ଶରତ ଚନ୍ଦ୍ର ମହାରଣା, ଅନୁଲେଖା ଜେନା, ନମିତା ବଡ଼ପଣ୍ଡା, ବିକାଶ ମାଝୀ ।



ପଣ୍ଡା, କେଦାର ନାୟକ, ସରୋଜ ରାଉତ, ମନୋଜ କୁମାର ଚୌଧୁରୀ, ପ୍ରେମଚାନ୍ଦ ରାଉତ, ସଞ୍ଜୟ ସାହୁ, କୁଅଁର, ସମୀର ମହାରଣା, ଦୁର୍ଯ୍ୟୋଧନ ମେହେର, ଭାଗବତ ପ୍ରଦାଦ ମିଶ୍ର, ପୂର୍ଣଚନ୍ଦ୍ର ମେହେର, ବିଜେନ୍ଦ୍ର

ରାଉତ ଆର୍ଟ ଗ୍ୟାଲେରୀ ପ୍ରତିଷ୍ଠାତା ସରୋଜ ରାଉତ ବିଶ୍ୱ ଦରବାରରେ ଗଙ୍ଗାଧର ସାହିତ୍ୟର ଭାବକୁ ପେଣ୍ଟିଂ ମାଧ୍ୟମରେ ପହଞ୍ଚାଇବା ଏହି ପ୍ରଦର୍ଶନୀ ଆୟୋଜନର ମୂଳ ଲକ୍ଷ୍ୟ ବୋଲି କହିଥିଲେ । ଆଗାମୀ ଦିନରେ ଆହୁରି ଅଧିକ ସଂଖ୍ୟାରେ କଳାକାର ମାନଙ୍କୁ ଏହି ପ୍ରଦର୍ଶନୀ ସାମିଲ କରାଯିବ ବୋଲି ମତ ଦେଇଥିଲେ । ଗଙ୍ଗାଧର ସାହିତ୍ୟର ମାର୍ମିକ ଭାବଧାରା ଚିତ୍ରକଳା ମାଧ୍ୟମରେ ପ୍ରଚାର ପ୍ରସାର ପାଇଁ ଆମେ ପ୍ରଚେଷ୍ଟା ଜାରି ରଖିବୁ ବୋଲି ପ୍ରତିଷ୍ଠାତା ସରୋଜ ରାଉତ କହିଥିଲେ ।

# ପଦ୍ମପୁରରେ ବାସନ୍ତିକ ନବରାତ୍ର ଦୁର୍ଗାପୂଜା



**ପଦ୍ମପୁର, ୯ ।୪ (ସମିସ):** ପଦ୍ମପୁରର ପ୍ରସିଦ୍ଧ ମାଁ ବନଦୁର୍ଗା ଦେବୀଙ୍କ ପୀଠରେ ଆଜି ଠାରୁ ବାସନ୍ତିକ ନବ ଦିନାତ୍ମକ ଦୁର୍ଗାପୂଜା ବିଧି ଓ ପରମ୍ପରା ଅନୁସାରେ ଆରମ୍ଭ ହୋଇଛି । ପ୍ରତ୍ୟହ ଚଣ୍ଡିହୋମ ସହ ମାଁଙ୍କ ଧୂପ, ଦୀପ, ନୈବେଦ୍ୟରେ ଆରତୀ ସହ ପୁଷ୍ପାଞ୍ଜଳି, ମିଷ୍ଟାନ୍ନ ଭୋଗ ପୂର୍ବକ ମାଁଙ୍କ ପୂଜା ଅନୁଷ୍ଠିତ ହୋଇ ଆସନ୍ତା ୧୮ ତାରିଖ ଚୈତ୍ର ଶୁକ୍ଳପକ୍ଷ ଦଶମୀ ତିଥିରେ ବାଲଭୋଗ, ଅପରାଜିତା ପୂଜା ଓ ପୂର୍ଣ୍ଣାହୁତି ସହ ଘଟ ବିସର୍ଜିତ ହେବ ବୋଲି ପୂଜା କମିଟି ସଭାପତି ଡ. ପ୍ରଭାତ ନାରାୟଣ ତ୍ରିପାଠୀ, ସମ୍ପାଦକ ଗୋପାଳ ଚନ୍ଦ୍ର ଭୋଇ ଓ ସୁଶାନ୍ତ କୁମାର ପ୍ରଧାନ ସୂଚନା ଦେଇଛନ୍ତି । ଚଳିତ ବର୍ଷ ମୁଖ୍ୟ ପଣ୍ଡିତ ରଘୁନାଥ ତ୍ରିପାଠୀ, ପଣ୍ଡିତ ଗିରିଶ ଚନ୍ଦ୍ର ହୋତା ଚଣ୍ଡିପାଠ, ପଣ୍ଡିତ ଅଶୋକ ପଣ୍ଡା ଓ ପଣ୍ଡିତ ଦେବେନ୍ଦ୍ର ତ୍ରିପାଠୀ, ମନ୍ଦିର ପୂଜକ ପ୍ରଶାନ୍ତ ପଣ୍ଡା, ଲକ୍ଷ୍ମୀ ନାରାୟଣ ମନ୍ଦିର ପୂଜକ ଉଦୟ ନାରାୟଣ ପୂଜାକାର୍ଯ୍ୟ ସମ୍ପାଦନା କରୁଛନ୍ତି । ମୁଖ୍ୟକର୍ତ୍ତା ଭାବରେ ଅନିଲ କୁମାର ବେହେରା ଓ ଧର୍ମପତ୍ନୀ ସୁଦେଷ୍ଣା ବେହେରା ଦାୟିତ୍ୱ ତୁଲାଉଥିବା ଜଣାଯାଇଛି ।

# ଦୁର୍ଗାପାଲି ଓଭରବ୍ରିଜ୍ ନିର୍ମାଣରେ ଶ୍ରମିକ ଅସୁରକ୍ଷିତ

**ସମ୍ବଲପୁର, ୯।୪(ସମିସ)**



ସମ୍ବଲପୁର ଦୁର୍ଗାପାଲି ରେଲୱେ ଫାଟକ ଉପରେ ବ୍ରିଜ୍ ନିର୍ମାଣ କାମ ପ୍ରାୟ ୪ବର୍ଷ ହେଲା ସମ୍ପୂର୍ଣ୍ଣ ହୋଇ ପାରୁନାହିଁ। ଏହାକୁ ନେଇ ବିଭିନ୍ନ ଅନୁଷ୍ଠାନ ଓ ରାଜନୈତିକ ଦଳମାନେ ଅଭିଯୋଗ କରୁଥିଲେ। ନିମ୍ନମାନର କାମକୁ ନେଇ ବିବାଦ ଘେରରେ ଟାଣି ହୋଇଥିଲା ଠିକା ସଂସ୍ଥା। ଏବେ ନିର୍ମାଣ ସମୟରେ ଶ୍ରମିକମାନେ ଅସୁରକ୍ଷିତ ଭାବେ କାମ କରୁଥିବା ଦେଖିବାକୁ ମିଳୁଛି। ଶ୍ରମିକମାନେ ହେଲ୍‌ମେଟ, ଜୋତା ଭଳି ସୁରକ୍ଷା ସାମଗ୍ରୀ ବ୍ୟବହାର କରୁନାହାନ୍ତି। ଟାଣ ଖରାରେ ଲୁହା ଉପରେ ଛିଡ଼ା ହୋଇ କାମ କରୁଛନ୍ତି। କୌଣସି ଅଘଟଣ ଘଟିବାକୁ ଏଡ଼ାଇ ଦିଆଯାଇ ନପାରେ। ଶ୍ରମିକମାନଙ୍କ ସୁରକ୍ଷା ନେଇ କଡ଼ା ନିୟମକାନୁନ ରହିଥିବାବେଳେ ଏଠାରେ ଠିକା ସଂସ୍ଥା କିଛି ପାଳନ କରୁନାହିଁ। କାମ ଶୀଘ୍ର ସମ୍ପୂର୍ଣ୍ଣ କରିବା ପାଇଁ ଶ୍ରମିକମାନଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉ ନାହିଁ। ରାସ୍ତାରେ ଯାତାୟତ କରୁଥିବା ଲୋକମାନେ ଏହାକୁ ନେଇ ପ୍ରଶ୍ନ କରୁଛନ୍ତି। ଏହାସହ ଶ୍ରମିକମାନଙ୍କ ସୁରକ୍ଷା ନେଇ ପ୍ରଶାସନ ପଦକ୍ଷେପ ଗ୍ରହଣ କରୁ ବୋଲି ଦାବି କରିଛନ୍ତି। ସୂଚନାଯୋଗ୍ୟ ଯେ, ଦୁର୍ଗାପାଲି ରାସ୍ତା ସମ୍ବଲପୁର ସହରକୁ ପ୍ରବେଶ କରିବା ମୁଖ୍ୟ ରାସ୍ତା। ରିଂ-ରୋଡ ଦେଇ ସହର ଭିତରକୁ ଯିବା ଆସିବା କରନ୍ତି। ରାସ୍ତା ଦେଇ ବୁର୍ଲା ମେଡିକାଲ ସହିତ ବୁର୍ଲାରେ ଥିବା ବିଭିନ୍ନ ବିଶ୍ୱବିଦ୍ୟାଳୟକୁ ଯିବାଆସିବାରେ ସମସ୍ୟା ହେଉଛି। ପ୍ରତିଦିନ ଶତାଧିକ ଯାନବାହନ ଏହି ରାସ୍ତା ଦେଇ ଯାତାୟାତ କରୁଛି। ଏହାଛଡ଼ା ସମ୍ବଲପୁରର ଅନେକ ଲୋକ ବୁର୍ଲା ଓ ହୀରାକୁଦ ଯିବା ପାଇଁ ଏହି ରାସ୍ତା ଉପରେ ନିର୍ଭର କରନ୍ତି। ତେବେ ଦୁର୍ଗାପାଲିରେ ଅଧାପନ୍ତରିଆ ହୋଇ ପଡ଼ିଥିବା ରାସ୍ତା ଯୋଗୁଁ ସମସ୍ୟା ଭୋଗୁଛନ୍ତି। ଅନ୍ୟପଟେ ଓଭରବ୍ରିଜ ନହେବାରୁ ଦୁର୍ଗାପାଲି ରେଲୱେ କ୍ରସିଂରେ ଯାତ୍ରୀମାନେ ଅନେକ ସମୟ ଧରି ଛିଡ଼ା ରହିବାକୁ ପଡୁଛି। ବେଳେବେଳେ ଆମ୍ବୁଲାନ୍ସ ମଧ୍ୟ ଯିବାଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛି। ଟ୍ରେନ୍ ଯିବାଆସିବା ସମୟରେ ରେଳ ଫାଟକ ବନ୍ଦ ହୋଇଯାଏ। ପ୍ରତ୍ୟେକ ଥର ଟ୍ରେନ୍ ଗଲାବେଳେ ଗେଟ୍ ପ୍ରାୟ ୧୫ ମିନିଟ୍ ବନ୍ଦ ହୋଇଥାଏ ବୋଲି ଅଭିଯୋଗ ହେଉଛି। ଏହାକୁ ନେଇ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥାଏ। ଦୁର୍ଗାପାଲିରେ ଥିବା ଲେଭଲ୍ କ୍ରସିଂ ଉପରେ ବ୍ରିଜ କାର୍ଯ୍ୟକ୍ଷମ ହେବା ପରେ ଏହି ସମସ୍ୟାର ସମାଧାନ ହେବ ବୋଲି ଆଶା କରାଯାଉଛି। ଦୁର୍ଗାପାଲି ରାସ୍ତା ସହରର ଲକ୍ଷ୍ମୀଡୁଙ୍ଗୁରି ଛକରେ ୫୩ନଂ. ଜାତୀୟ ରାଜପଥକୁ ସଂଯୋଗ କରୁଛି। ସୂଚନାଯୋଗ୍ୟ, ଦୁର୍ଗାପାଲି ବ୍ରିଜର ଲମ୍ବ ୯୪୭ ମିଟର ରହିଛି। ଏହି ପ୍ରକଳ୍ପ ଉଭୟ ରେଳବାଇ ଓ ପିଡବ୍ଲ୍ୟୁଡି ଦ୍ୱାରା କାମ ହେଉଛି। ପ୍ରକଳ୍ପ ୨୦୧୯ରେ ଆରମ୍ଭ ହୋଇ ୨ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ କରାଯାଇଥିଲା ରେଳବାଇ ଜମିରେ ରେଳ ବିଭାଗ ପକ୍ଷରୁ ନିର୍ମାଣ କାର୍ଯ୍ୟ ହାତକୁ ନେଇଥିଲା। ରେଳବାଇ ଏହାର ଅଂଶ ପ୍ରାୟଶେଷ କରି କରିସାରିଛି। ପିଡବ୍ଲ୍ୟୁଡି ବିଭାଗ କାମରେ ବିଳମ୍ବ କରୁଛି। ଏବେ କାର୍ଯ୍ୟ ଜୋରସୋରରେ ଚାଲିଥିବା ବେଳେ ଆସନ୍ତା ମେ ମାସ ସୁଦ୍ଧା ଶେଷ ହୋଇଯିବାର ଲକ୍ଷ ରହିଛି।



# ବିଭିନ୍ନ ସ୍ଥାନରେ ଚୈତ୍ର ନବରାତ୍ର ଆରମ୍ଭ

**ଦେବଗଡ଼, ୯।୪ (ସମିସ):** ମଙ୍ଗଳବାରଠାରୁ ଚୈତ୍ର ନବରାତ୍ର ପୂଜା ଆରମ୍ଭ ହୋଇଛି। ଏହି ଅବସରରେ ଦେବଗଡ଼ ଜିଲ୍ଲାର ବିଭିନ୍ନ ପୀଠରେ ନବଦିନାତ୍ମକ ପୂଜା ଆରମ୍ଭ ହୋଇଛି। ପ୍ରଥମ ଦିନରେ ଦେବଗଡ଼ର କନକ ଦୁର୍ଗା ମନ୍ଦିର, ଶନି ମନ୍ଦିର, ଆଦର୍ଶ ପୁଷ୍କରଣୀ ନିକଟସ୍ଥ ଦକ୍ଷିଣ କାଳୀ ଓ ଶନି ମନ୍ଦିର, ପ୍ରଧାନପାଟସ୍ଥିତ ସାଇ ମନ୍ଦିର ସମେତ ବିଭିନ୍ନ ସ୍ଥାନରେ ମା'ଙ୍କ ମନ୍ଦିରରେ ନବ ଦିନାତ୍ମକ ପୂଜା ଓ ମାନସିକ ଦୀପ ପ୍ରଜ୍ୱଳନ ଆରମ୍ଭ ହୋଇଛି।

# ଅଶ୍ଳୀଳ ଫଟୋ ଭାଇରାଲ ଭୟ ଦେଖାଇ ବନ୍ଧା ହେଲା ଯୁବକ

**ଦେବଗଡ଼, ୯।୪(ସମିସ):** ରିଆମାଳ ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିବାର ଭୟ ଦେଖାଇବା ଜଣେ ବିବାହିତ ଯୁବକକୁ ମହଙ୍ଗା ପଡ଼ିଛି। ସମ୍ପୃକ୍ତ ଯୁବକକୁ ପୁଲିସ ଗିରଫ କରିଛି। ଅଭିଯୁକ୍ତ ହେଉଛି ଭରତ ବେହେରା। ଅଶ୍ଳୀଳ ଫଟୋ ଭାଇରାଲ କରିଦେବାକୁ ଧମକ ଦେଇ ସେ ଯୁବତୀ ଓ ତାଙ୍କ ପରିବାରକୁ ୧୦ ଲକ୍ଷ ଟଙ୍କା ଦାବି କରୁଥିଲା। ଯୁବତୀଙ୍କ ପରିବାର ସହ ତାର ସୁସମ୍ପର୍କ ରହିଛି। ଯୁବତୀଙ୍କ ପରିବାରର ସରଳତାର ସୁଯୋଗ ନେଇ ଗତ ଅଗଷ୍ଟରେ ଯୁବତୀଙ୍କ ଅଭିଭାବକଙ୍କ ଅନୁପସ୍ଥିତିରେ ସେ ନିଜ ଘରକୁ ଡାକିଥିଲା। ଯୁବତୀ ଜଣକ ଯିବା ପରେ ଅଭିଯୁକ୍ତ ନିଶାଯୁକ୍ତ ମୃଦୁ ପାନୀୟ ଦେବାରୁ ଯୁବତୀ ଜଣକ ଚେତାଶୂନ୍ୟ ହୋଇ ପଡ଼ିଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ଭରତ ଯୁବତୀଙ୍କ ଅଶ୍ଳୀଳ ଫଟୋ ଉଠାଇ ବ୍ଲାକମେଲ୍ କରିବା ଆରମ୍ଭ କରିଥିଲା। ଗତ ଡିସେମ୍ବରରେ ଯୁବତୀଙ୍କ ଭାଇଙ୍କ ମୋବାଇଲକୁ କିଛି ଅଶ୍ଳୀଳ ଫଟୋ ପଠାଇଥିଲା। ଯୁବତୀଙ୍କ ପରିବାର ଏ ନେଇ ଅଭିଯୁକ୍ତ ଭରତ ଘରକୁ ଯାଇ ଘଟଣା ସମ୍ପର୍କରେ ପଚରିବା ବେଳେ ଅଭିଯୁକ୍ତ ଭରତ ଓ ତା ସ୍ତ୍ରୀ ଯୁବତୀଙ୍କ ପରିବାର ଲୋକଙ୍କୁ ଗାଳିଗୁଲଜ କରି ତଡି ଦେଇଥିଲେ। ଟଙ୍କା ନ ଦେଲେ ଆହୁରି ଅନେକ ଅଶ୍ଳୀଳ ଫଟୋ ଭାଇରାଲ କରିବାକୁ ଧମକ ଦେଇଥିଲା। ଏହା ସହ ଅନ୍ୟତ୍ର ବିବାହ କରାଇ ଦେବ ନାହିଁ ବୋଲି ଧମକ ଦେଇଥିବା ଯୁବତୀ ଜଣକ ରିଆମାଳ ଥାନାରେ ଅଭିଯୋଗ କରିଥିଲେ।

**୧୦ ଲକ୍ଷ ଟଙ୍କା ଦାବି କରୁଥିଲା**

# ଆର୍ଯ୍ୟ ସମାଜ ମନ୍ଦିର ରୂପାନ୍ତରୀକରଣ



**ସମ୍ବଲପୁର, ୯।୪(ସମିସ):** ସମ୍ବଲପୁର ମହାନଗର ହୀରାକୁଦଠାରେ ଆର୍ଯ୍ୟ ସମାଜ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଇଂ. ସିଦ୍ଧାର୍ଥ ଦାସ ଯୋଗ ଦେଇଥିଲେ। ଆର୍ଯ୍ୟ ସମାଜ ମନ୍ଦିରର ରୂପାନ୍ତରୀକରଣ ନିମନ୍ତେ ଆସିଥିବା ୮ ଲକ୍ଷ ଟଙ୍କା କିପରି ଭାବରେ ବିନିଯୋଗ କରାଯିବ ସେ ସମ୍ପର୍କରେ ସଂଗଠନର କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିଥିଲେ। ସେମାନେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତଥା ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜ୍ଞାପନ କରିଥିଲେ। ଏହାପରେ ବିଭିନ୍ନ ୱାର୍ଡର ସ୍ୱଚ୍ଛ ପରିମଳ ବ୍ୟବସ୍ଥା ତଥା ଶୁଦ୍ଧ ପାନୀୟ ଜଳ ଯୋଗାଣ ସମ୍ପର୍କୀୟ କାର୍ଯ୍ୟଗୁଡ଼ିକ ତଦାରଖ କରିଥିଲେ। କିଛି ବରିଷ୍ଠ ନାଗରିକଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ସୁଶାନ୍ତ ପାଣିଗ୍ରାହୀ, ଦିଲୀପ ଦାଶ, ଯୁବ ବିଜେଡି ଜିଲ୍ଲା ସମ୍ପାଦକ ଇଂ. ଦୀନେଶ ସେଠ, ଲିଙ୍ଗରାଜ ତ୍ରିପାଠୀ, ସୋମନାଥ ସାହୁ, ସୁଦେଶ ପାଲଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ଫଟାଟାଙ୍ଗରେ ଅଷ୍ଟପ୍ରହର ଅଖଣ୍ଡ ନାମଯଜ୍ଞ

**ବାମରା, ୯।୪(ସମିସ):** ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ବାମରା ବ୍ଲକ କେଶାଇବାହାଲ ପଞ୍ଚାୟତ ଫଟାଟାଙ୍ଗର ଗ୍ରାମରେ ଅଷ୍ଟପ୍ରହାର ଅଖଣ୍ଡ ନାମଯଜ୍ଞ ହୋଇଯାଇଛି। ସମାଜସେବୀ ଦୀନବନ୍ଧୁ ମାଝି, ଜଗବନ୍ଧୁ କିସାନ, ଭଗବାନ କିସାନ ପ୍ରମୁଖଙ୍କ ତତ୍ତ୍ୱାବଧାନରେ ବାଗଡ଼ିହି(ବରପାଣି) ଗ୍ରାମର ପଣ୍ଡିତ ଭିକାରୀ ମହାରାଜ ନାମଯଜ୍ଞରେ ପୂଜାର୍ଚ୍ଚନା କରିଥିଲେ। ପ୍ରଥମ ଦିବସରେ ସ୍ଥାନୀୟ ପୁଲିଆଁକଟା ପର୍ଯ୍ୟନ୍ତ କଳସ ଶୋଭାଯାତ୍ରା କରାଯାଇ ପୂଜା ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା। ଏଥିରେ ଫଟାଟାଙ୍ଗର, କେଶାଇବାହାଲ, ଦୋଭାୟା, କୁର୍ମିମୁଣ୍ଡା, ଲଇଗୁରା, କୁମ୍ଭାରୀ, ବର୍ହାମୁଣ୍ଡା ପ୍ରମୁଖ କୀର୍ତ୍ତନ ଦଳ ସାମିଲ ହୋଇଥିଲେ। ଜଣାଶୁଣା କୀର୍ତ୍ତନ ଗୁରୁ ଖଡୁନାଥ ପିଙ୍ଗ, କ୍ଷେତ୍ରବାସୀ ବାଘ, ଫଟାଟାଙ୍ଗର ଗୌନ୍ତିଆ ପ୍ରକାଶ ପଟେଲ, ଚାଷୀ ନେତା ସରୋଜ ପଟେଲ, ବରିବାହାଲ ସରପଞ୍ଚ ଭଗିଦ୍ର କିସାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଉତ୍ସାହିତ କରିଥିଲେ। ମୁଖ୍ୟ କର୍ତ୍ତା ଭାବେ ନରେନ୍ଦ୍ର ଛତ୍ରିଆ ଓ ତାଙ୍କ ପତ୍ନୀ ଲକ୍ଷ୍ମୀ କାର୍ଯ୍ୟ ସମ୍ପାଦନା କରିଥିଲେ। ଅଶୋକ ଛତ୍ରିଆ, ଶିବଲାଲ କିସାନ, ଗୋପାଳ ଛତ୍ରିଆ, ଯୁଧିଷ୍ଠିର କିସାନ ପରିଚାଳନା କରିଥିବା ବେଳେ, ମାତୃଶକ୍ତି ପକ୍ଷରୁ ସବିତା କିସାନ, ଇନ୍ଦୁମତି କିସାନ, କୁମାରୀ ଛତ୍ରିଆ, ସ୍ୱର୍ଣ୍ଣ ଲୁହା, କୁମୁଦିନୀ କିସାନ, ସୂର୍ଯ୍ୟ କିସାନ, କୈନ୍ତି କିସାନ, ସୁମନ୍ତି ଧନୱାର, ମାଳାବତୀ ମାଝି ପ୍ରମୁଖ ସହଯୋଗ କରିଥିଲେ।







ବରପାଲିରେ ମାଁ ସମଲେଶ୍ୱରୀ ଓ ମାତା ବରଦା ଦୁର୍ଗାଙ୍କ ବାସନ୍ତୀକ ଦୁର୍ଗା ପୂଜା ଆରମ୍ଭ

# ପଦ୍ମପୁରରେ କବି ଗଙ୍ଗାଧରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ପାଳନ

**ପଦ୍ମପୁର, ୯।୪ (ସମିସ):** ମେହେର କବି ସ୍ମୃତି ପରିଷଦ ଆନୁକୂଲ୍ୟରେ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ ଶ୍ରାଦ୍ଧ ଶତବାର୍ଷିକୀ ସମାରୋହ ପାଳିତ ହୋଇଥିଲା। ସକାଳ ୭ ଘଟିକା ସମୟରେ ପରିଷଦର ସଭାପତି, ଉପସଭାପତି, ସମ୍ପାଦକ ତଥା ସଦସ୍ୟଙ୍କ ଉପସ୍ଥିତିରେ ରାଜବୋଡ଼ାସମ୍ବର ହାଇସ୍କୁଲ ସମ୍ମୁଖସ୍ଥ କବି ଗଙ୍ଗାଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ସନ୍ଧ୍ୟାରେ କବି ଗଙ୍ଗାଧରଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ ଓ ସ୍ମୃତି ଚାରଣ ନିମିତ୍ତ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତିତ୍ୱ କରିଥିଲେ ପରିଷଦର ସଭାପତି ଡ. ପ୍ରମୋଦ କୁମାର ପାଢ଼ୀ। ମୁଖ୍ୟଅତିଥି ଭାବରେ ଯୋଗଦାନ କରିଥିଲେ ଅଞ୍ଚଳ ମହାବିଦ୍ୟାଳୟର ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡା। ଉଟଲି ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଦୁର୍ଗାଶିଷ ପଟ୍ଟନାୟକ ମୁଖ୍ୟବକ୍ତା ଭାବରେ ଯୋଗଦାନ କରି ସ୍ୱଭାବ କବିଙ୍କ ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ପରିଷଦର ଉପସଭାପତି ରୋହିତ ମେହେର କବିଙ୍କ ସ୍ମୃତି ଚାରଣ କରିଥିଲେ। ସମ୍ପାଦକ ଶେଷଦେବ ମେହେର ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ମନୋଜ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରୀତିରଞ୍ଜନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଡ. ବାଞ୍ଛାନିଧି ପଣ୍ଡା, ପ୍ରତାପକେଶରୀ ସିଂ ବରିହା, ପୁରନ୍ଦର ଦୋରା, ଜୟନାରାୟଣ ତ୍ରିପାଠୀ, ଗୋବିନ୍ଦ ପାଣିଗ୍ରାହୀ, ଜିତେନ୍ଦ୍ରିୟ ଗୁରୁ ପ୍ରମୁଖ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ରହି କବିଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରିଷଦର ସଦସ୍ୟ କରୁଣାକର ମେହେର, ସମାଜସେବୀ ନିରୋଜ ଦୋରା, ରାମଚନ୍ଦ୍ର ମେହେର, କୁଞ୍ଜବିହାରୀ ସରାଫ୍, କିଶୋର ପାତ୍ର, ସନ୍ତୋଷ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, କ୍ଷୀରୋଦ୍ର ସାହୁ, ବିଦ୍ୟାଧର ଦାଶ, ତୁଳସୁନ୍ଦର ମେହେର, ଗୌରୀକୁମାର ମେହେର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରୀମାନେ ଗୁରୁ ଅନ୍ତର୍ଯ୍ୟାମୀ ମେହେରଙ୍କ ନିର୍ଦ୍ଦେଶନାରେ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ।



# ଚୈତ୍ର ବାସନ୍ତୀକ ନବରାତ୍ର ଦୁର୍ଗାପୂଜା ଆରମ୍ଭ, ମହିଳାଙ୍କ କଳସ ଶୋଭାଯାତ୍ରା

**ସୋହେଲା, ୯।୪(ସମିସ) :** ଚୈତ୍ର ଶୁକ୍ଳପକ୍ଷ ପ୍ରତିପଦା ତିଥିରେ ସୋହେଲା ମାଁ ଦୁର୍ଗାଙ୍କ ମନ୍ଦିରରେ ବାସନ୍ତୀକ ନବରାତ୍ର ଦୁର୍ଗାପୂଜା ଶୁଭାରମ୍ଭ ହୋଇ ଯାଇଛି। ସାର୍ବଜନୀନ ଦୁର୍ଗାପୂଜା କମିଟୀ ଦ୍ୱାରା ଆୟୋଜିତ ନବରାତ୍ର ପୂଜା ଆସନ୍ତା ୧୮ ତାରିଖ ଦିନ ସମାପନ ହେବ। ପୂଜାରମ୍ଭ ପୂର୍ବରୁ ଆଜି ସକାଳେ ଝିପି ଝିପି ବର୍ଷା ସତ୍ତ୍ୱେ ଶତାଧିକ ମହିଳାଙ୍କ ସମେତ ପୂଜକ, କର୍ତ୍ତା ଏବଂ ପୂଜା କମିଟୀର ସଦସ୍ୟ ମାନେ ଦୁଲଦୁଲି, ଘଣ୍ଟବାଦ୍ୟ, ନମୋଗୁରୁ, ସହିତ ଦୁର୍ଗାମନ୍ଦିରରୁ କଳସ ଶୋଭାଯାତ୍ରାରେ ବାହାରି ସ୍ଥାନୀୟ ପୂର୍ଣ୍ଣିବନ୍ଧକୁ ଯାଇଥିଲା। ସେଠାରେ ଖଣ୍ଡାଧୁଆ ଓ ପୂଜାର୍ଚ୍ଚନା ପରେ କଳସରେ ପବିତ୍ର ଜଳକୁ ଧରି ଶୋଭାଯାତ୍ରା ମନ୍ଦିରକୁ ପ୍ରତ୍ୟାବର୍ତନ କରିଥିଲା। ଶୋଭାଯାତ୍ରା ମନ୍ଦିରକୁ ଫେରିବା ସମୟରେ ବସ୍ତିରେ ମହିଳା ମାନେ ନିଜନିଜ ଘର ସମ୍ମୁଖରେ ଝୋଟି କାଟି ଦୀପ ଜଳାଇ କଳସ ଶୋଭାଯାତ୍ରାକୁ ସ୍ୱାଗତ କରିଥିଲେ। ମନ୍ଦିରରେ କଳସ ସ୍ଥାପନ ସହିତ ଚୈତ୍ର ବାସନ୍ତୀକ ନବରାତ୍ର ପୂଜା ଶୁଭାରମ୍ଭ ହୋଇଥିଲା। ନବରାତ୍ର ପୂଜା ଅବସରରେ ପ୍ରତ୍ୟହ ବିହିତ ପୂଜା ସହିତ ଚଣ୍ଡିହୋମ ଅନୁଷ୍ଠିତ ହେବ। ୧୫ତାରିଖ ମହାସପ୍ତମୀ ପୂଜା ସହିତ ମାଁଙ୍କ ମହାସ୍ନାନ, ନବପତ୍ରିକା ପ୍ରବେଶ, ୧୬ତାରିଖ ମହା ଅଷ୍ଟମୀ ପୂଜା ଏବଂ ସନ୍ଧିପୂଜା, ୧୭ତାରିଖ ନବମୀ ଦିନ ନବକୁମାରୀ ପୂଜା ଏବଂ ୧୮ ତାରିଖ ଦିନ ଦଶମୀ ଦିନ ସର୍ବ ଦେବାଦେବୀଙ୍କ ହୋମ ପରେ ପୂଜାର ପୂର୍ଣ୍ଣାହୂତୀ ସହିତ ଅପରାଜିତା ଗ୍ରହଣ ପରେ ଆରତୀ ଓ ପୁଷ୍ପାଞ୍ଜଳି ଅର୍ପଣ ପରେ ଘଟ ବିସର୍ଜନ କରାଯିବ। ବାସନ୍ତୀକ ନବରାତ୍ର ପୂଜା ଅବସରରେ ହିନ୍ଦୁ ନବବର୍ଷ ମଧ୍ୟ ପାଳନ କରାଯାଇଥିଲରା। ସଂଧ୍ୟାରେ ମନ୍ଦିରରେ ସାମୁହିକ ଦୀପ ପ୍ରଜ୍ୱଳନ କରି ନବବର୍ଷକୁ ସ୍ୱାଗତ କରାଯାଇଥିଲା। ୧୭ତାରିଖ ରାମନବମୀ ଦିନ ସଂଧ୍ୟାରେ ଏକ ଭବ୍ୟ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି। ଆଜିର ଏହି କଳସ ଶୋଭାଯାତ୍ରାରେ ଦୁର୍ଗାପୂଜା କମିଟୀ ସଭାପତି ପୂର୍ବତନ ମନ୍ତ୍ରୀ ପ୍ରକାଶଚନ୍ଦ୍ର ଦେବତା, ଉପ ସଭାପତି ପୂର୍ବତନ ବିଧାୟକ ମହମ୍ମଦ ରଫିକ, କୋଷାଧ୍ୟକ୍ଷ ଲଳିତ କୁମାର ଅଗ୍ରୱାଲ, ନଥୁରାମ ଅଗ୍ରୱାଲ, ଗୋବିନ୍ଦ ସାହୁ, ପ୍ରମୋଦ ଦେବତା, ଗିରିଜଶେ ଖାଡଙ୍ଗା, ଶ୍ରୀକାନ୍ତ ନାୟକ, ଭଗବାନ ବାରିକ, ଦୈତାରୀ ଭୋଇ, ସଞ୍ଜୀବ ଝାଙ୍କର, ଗୋପାଲ ନାୟକ, ବାବୁଲୁ ପଧାନ, ବିଜୟ କାଣ୍ଡ, ସନ୍ତୋଷ ସାହୁ, ଶଶୀକାନ୍ତ ପାଣିଜଗ୍ରାହୀ, ସୁଜ୍ଞାନ୍ତ ପାଣିଗ୍ରାହୀ, ସରତ ଭଞ୍ଜ, ବୁଲୁ ପରୁଆ, ଯୁଧିଷ୍ଠିର ନାୟକ ସମେତ ଦୁର୍ଗାପୂଜା କମିଟି ଗୌରୀଦେବୀ ଟ୍ରଷ୍ଟର ସଦସ୍ୟ ଓ ବହୁ ଗ୍ରାମବାସୀ ଯୋଗ ଦେଇଥିଲେ। ଦୀନେଶ ଠାକୁର କର୍ତ୍ତା ରହିଥିବା ବେଳେ ଟୀକେଶ୍ୱର ମହାପାତ୍ର, ସଦାନନ୍ଦ ଷଡଙ୍ଗୀ, ସରୋଜ ଦେବତା, ରବି ନାରାୟଣ ଦେବତା, ମନ୍ଦିର ପୂଜକ ବିନୋଦ ବିହାରୀ ମହାପାତ୍ର ପୂଜା, ଚଣ୍ଡିପାଠ ଓ ଚଣ୍ଡିହୋମ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ସୁମନ୍ତ ପାଣିଗ୍ରାହୀ, ଦୁର୍ଗା ପ୍ରସାଦ ଦେବତା, ପ୍ରଫୁଲ୍ଲ ମିଶ୍ର, ହୃଷିକେଶ ମହାପାତ୍ର, ମନବୋଧ ମହାପାତ୍ର, ସୁଦାମ ମହାପାତ୍ର ପୂଜା ଓ ହୋମ କାର୍ଯ୍ୟରେ ସହଯୋଗ କରୁଛନ୍ତି।

# ବାମରାରେ ହିନ୍ଦୁ ନବବର୍ଷ ପାଳିତ



**ବାମରା, ୯।୪(ସମିସ):** ବାମରା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବୌଦ୍ଧିକ ମଣ୍ଡପରେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ପକ୍ଷରୁ 'ହିନ୍ଦୁ ନବବର୍ଷ' ପାଳିତ ହୋଇଯାଇଛି। ଖଣ୍ଡ କାର୍ଯ୍ୟବାହ ଅନନ୍ତ ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ଜ୍ୟୋତି କୁମାର ଲାଠ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସଂଘର ସମ୍ବଲପୁର ଜିଲ୍ଲା(ଗ୍ରାମୀଣ)ସମ୍ପର୍କ ପ୍ରମୁଖ ଲକ୍ଷ୍ମୀଧର ମିଶ୍ର ଯୋଗଦେଇ ହିନ୍ଦୁ ନବ ବର୍ଷର ମହତ୍ତ୍ୱ, ବିଶେଷତ୍ତ୍ୱ ଉପରେ ଆଲୋକପାତ କରି ଭାରତୀୟ ଇତିହାସ ବିଷୟରେ ମାର୍ଗଦର୍ଶନ କରିଥିଲେ। ହିନ୍ଦୁ ସମାଜକୁ ଏକସୂତ୍ରରେ ବାନ୍ଧିବା ପାଇଁ ଡକ୍ଟର କେଶବ ବଳିରାମ ହେଡଗେୱାର ଗତ ୧୯୨୫ ମସିହାରେ ଆର୍‌ଏସ୍‌ଏସ୍‌ର ପ୍ରତିଷ୍ଠା କରିଥିଲେ ବୋଲି ସୂଚନା ଦେଇଥିଲେ। ବାମରା ଶାଖାର ମୁଖ୍ୟ ଶିକ୍ଷକ ଦୀପକ ଖଣ୍ଡେଲୱାଲ ଏବଂ ନଗର କାର୍ଯ୍ୟବାହ ସଞ୍ଜୟ ଖଣ୍ଡେଲୱାଲ କାର୍ଯ୍ୟକ୍ରମ ପରିଚାଳନା ଓ ପ୍ରାର୍ଥନା ଗାନ କରିଥିଲେ। ସଂଜୟ ଗୁରୁଜୀ ବ୍ୟକ୍ତିଗତ ଗୀତ ଗାନ କରିଥିଲେ। ଉତ୍ସବ ପରିଚାଳନାରେ ବିଷ୍ଣୁ ଅଗ୍ରୱାଲ, ବିନୟ ପଣ୍ଡା, ଗୋପଲ ଖଣ୍ଡେଲୱାଲ, ସୁଜିତ ନାୟକ, ସନ୍ତୋଷ ଶୁକ୍ଳା, ଯୋଗେଶ୍ୱର ଭାଇ, ସୁଦୀପ୍ତ ପଟେଲ, ପ୍ରମୋଦ ନାୟକ, ବିନୋଦ ବିହାରୀ ନାୟକ ପ୍ରମୁଖ ସ୍ୱୟଂ ସେବକମାନେ ସହଯୋଗ କରିଥିଲେ।

# ଓପିଏମ୍ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ତାଲିମ ଶିବିର

**ବ୍ରଜରାଜନଗର, ୯।୪ (ସମିସ)**

ବ୍ରଜରାଜନଗର ଓପିଏମ୍ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟତ୍ରୀ ମାନସୀ ସାହୁ କାର୍ଯ୍ୟକ୍ରମକୁ ଉଦଘାଟନ କରି ଛାତ୍ରୀମାନଙ୍କ ଆତ୍ମ ସୁରକ୍ଷା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହାସହିତ ସାପ କାମୁଡ଼ିଲେ କେଉଁପ୍ରକାର ଚିକିତ୍ସା କରାଯିବ ସେନେଇ ଆଲୋକପାତ କରିଥିଲେ। ଏହାପରେ ଶିକ୍ଷୟିତ୍ରୀ ପ୍ରତିଭା ମହାପାତ୍ର ଆଶୁ ଚିକିତ୍ସା ଓ ବିଭିନ୍ନ ବ୍ୟାଣ୍ଡେଜ ଉପରେ ଏବଂ ଅଂଶୁଘାତରୁ କିପରି ରକ୍ଷା ପାଇପାରିବେ ସେ ବିଷୟରେ ତାଲିମ ପ୍ରଦାନ କରିଥିଲେ। ଏହାପରେ ଅଚେତ ହୋଇଥିବା ଲୋକଙ୍କୁ ସିପିଆର ମାଧ୍ୟମରେ କିପରି ଶ୍ୱାସକ୍ରିୟା କରାଯାଇ ପାରିବ ତାକୁ ନେଇ ମଧ୍ୟ ତାଲିମ ଦିଆଯାଇଥିଲା। ଏହା ସହିତ ଅସୁସ୍ଥ ଲୋକଙ୍କୁ ଅସ୍ଥାୟୀ ଷ୍ଟ୍ରେଚର ତିଆରି କରି କିପରି ଡାକ୍ତରଖାନାକୁ ନିଆଯିବ ସେନେଇ ଏକ ମକ୍‌ଡ୍ରିଲ ପ୍ରଦର୍ଶନ କରାଯାଇଥିଲା। ପାଣିରେ ବୁଡ଼ିଯାଉଥିବା ଲୋକଙ୍କୁ କିପରି ଉଦ୍ଧାର କରାଯିବ ଏବଂ ଅଂଶୁଘାତରୁ ରକ୍ଷା ପାଇବା ପାଇଁ କେଉଁ ପଦକ୍ଷେପ ଗ୍ରହଣ କରାଯିବ, ନିଆଁ ଲାଗିଲେ ବକେଟ ଚେନ୍ ମାଧ୍ୟମରେ ନିଆଁକୁ କିପରି ଆୟତ୍ତ କରାଯାଇପାରିବ ସେନେଇ ତାଲିମ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରିଙ୍କୁ ପ୍ରଧାନ, କାର୍ତ୍ତିକ ସେଠ, ବୁଧରାମ ବାଗ, ବବିତା ମିଞ୍ଜ, ସସ୍ମିତା ଜେନା, ଗୌତମ ଟପ୍ପୋ, ମୁକ୍ତା ସୋରେନ, ସୁଜଳ ପଟେଲ, ଅଜୟ ପଟେଲ ଓ ପ୍ରଦୀପ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପ୍ରତିଭା ମହାପାତ୍ର ପରିଚାଳନା କରିଥିବାବେଳେ ପିଇଟି ଝିଲି ବାରିକ, ହିର୍ମା ପିଇଟି ବଂଶୀଧର ପସାୟତ ଉପସ୍ଥିତ ରହି ତାଲିମ ପ୍ରଦାନ କରିଥିଲେ।



# କାର୍ଯ୍ୟକ୍ଷମ ହେଉନି ସାରାଡିହି ଗଜ୍‌ସାଇଟ୍ ଅଫିସ

**ଝାରସୁଗୁଡ଼ା, ୯।୪(ସମିସ):** ମହାନଦୀ ଜଳ ବିବାଦକୁ ନେଇ ଛତିଶଗଡ଼ ଅନେକ ମିଥ୍ୟା କେନ୍ଦ୍ର ସରକାରଙ୍କ ଦ୍ୱାରା ଗଠିତ ସେଣ୍ଟ୍ରାଲ ୱାଟର କମିଶନ (ସିଡବ୍ଲ୍ୟୁସି) କହି ଆସୁଛି। ଓଡ଼ିଶା ପକ୍ଷରୁ ଆବେଦନ ପରେ ସୁପ୍ରିମକୋର୍ଟ ଗଠନ କରିଥିବା ମହାନଦୀ ଜଳ ବିବାଦ ଟ୍ରିବ୍ୟୁନାଲ ଗଠନପରେ ମଧ ଛତିଶଗଡ଼ ସତମିଛ କହିଆସୁଛି। ଏହି ଚାଲବାଜିକୁ ଟ୍ରିବ୍ୟୁନାଲ ଜାଣିପାରି କଲମା ବ୍ୟାରେଜ ନିର୍ମାଣ କରିଛି। କଲମା ଉପରକୁ ଥିବା ସାରାଡିହି ବ୍ୟାରେଜ ନିକଟରେ ହୀରାକୁଦ ଡ୍ୟାମ୍ କାର୍ଯ୍ୟାଳୟ ପରିଚାଳିତ ଗଜ୍ ଷ୍ଟେସନ ରହିଥିଲା। ଏହି ଷ୍ଟେସନରୁ ଦୈନଦିନ ହୀରାକୁଦ ଜଳଭଣ୍ଡାରକୁ କେତେ ପାଣି ପଶୁଛି ତାର ହିସାବ ପଠାଯାଉଥିଲା। ବିଶେଷ ଭାବରେ ବର୍ଷାଦିନେ ଛତିଶଗଡ଼ରେ ବର୍ଷା ହେଲେ ଏବଂ ବନ୍ୟାପରିସ୍ଥିତି ଉପୁଜିଲେ ହୀରାକୁଦ ଜଳ ଭଣ୍ଡାରକୁ




କେତେ ଜଳ ପ୍ରବେଶ କରୁଛି ତାହା ସାରାଡିହି ଗଜ୍ ଷ୍ଟେସନରୁ ହୀରାକୁଦ ବନ୍ଧ କାର୍ଯ୍ୟାଳୟକୁ ସୂଚନା ଦିଆଯାଉଥିଲା। ସାରାଡିହି ବ୍ୟାରେଜ ନିର୍ମାଣ ହେବାପରେ ହୀରାକୁଦ ଡ୍ୟାମ ପ୍ରକଳ୍ପ ଦ୍ୱାରା ପରିଚାଳିତ ଓଡ଼ିଶା ପ୍ରଶାସନର ଏକ ଜଳମାପକ କାର୍ଯ୍ୟାଳୟ (ଗଜ୍ ସାଇଟ ଅଫିସ) ଅକ୍ଷମ ହୋଇପଡ଼ିଛି। ଫଳରେ ଛତିଶଗଡ଼ରୁ ମହାନଦୀରେ ମୌସୁମୀ ଓ ଅଣମୌସୁମୀ ସମୟରେ କେତେ ପାଣି ଓଡ଼ିଶାକୁ ପଶୁଛି ତାହା ଜଣାପଡୁନାହିଁ। ତେବେ ଟ୍ରିବ୍ୟୁନାଲ ଦଳ ସାରାଡିହିରେ ଥିବା ହୀରାକୁଦର ଜଳଭଣ୍ଡାରର ଏହି ଗଜ୍ ଷ୍ଟେସନ ପରିଦର୍ଶନ କରିବେକି। କାହିଁକି ଛତିଶଗଡ଼ ସରକାର ଏହି ଗଜ୍ ଷ୍ଟେସନକୁ ଅକ୍ଷମ କରିଛନ୍ତି ସେ ସମ୍ପର୍କରେ ଅନୁଧ୍ୟାନ କରିବେକି ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

ମହାନଦୀ ଉପରେ ନିର୍ମାଣ କରାଯାଇଥିବା ଛତିଶଗଡ଼ର ବିଭିନ୍ନ ଡ୍ୟାମ୍ ଓ ବ୍ୟାରେଜ ପ୍ରଥମ ପର୍ଯ୍ୟାୟ ବୁଲି ସାରିଲେଣି। ଆସନ୍ତାକାଲି ଠାରୁ ଦ୍ୱିତୀୟ ପର୍ଯ୍ୟାୟ କ୍ଷେତ୍ର ପରିଦର୍ଶନ କରିବେ। ଓଡ଼ିଶାକୁ ନ ଜଣାଇ ଛତିଶଡ଼ ସରକାର ବଡ଼ଧରଣର ଡ୍ୟାମ୍, ବ୍ୟାରେଜ ଓ ଆନ୍ନିକଟ ନିର୍ମାଣ କରିଛନ୍ତି। ବିଶେଷ ଭାବରେ ମହାନଦୀର ଉପର ମୁଣ୍ଡ ହୀରାକୁଦ ଜଳଭଣ୍ଡରର ଉପରକୁ ଓଡ଼ିଶା ସୀମାନ୍ତ ସୁଖାସୋଡ଼ାରୁ ମାତ୍ର ୫ କିଲୋମିଟର ଉପରକୁ

ବ୍ରଜରାଜନଗର ନିର୍ବାଚନମଣ୍ଡଳୀ

# ରାଜପୁର ଓ ଖଳିଆମାଲରେ ବିଜେଡି ପ୍ରାର୍ଥିନୀଙ୍କ ପ୍ରଚାର

**ବ୍ରଜରାଜନଗର, ୯।୪(ସମିସ)**

ଚୈତ୍ର ନବରାତ୍ରିରେ ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ବିଜେଡି ବିଧାୟିକା ପ୍ରାର୍ଥୀ ଅଳକା ମହାନ୍ତି ରାଜପୁର ଗ୍ରାମଠାରେ ମା' ସମଲେଶ୍ୱରୀ ଓ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ରାଜପୁର ଏବଂ ଖଳିଆମାଲରେ ନିର୍ବାଚନ ପ୍ରଚାର କରିଛନ୍ତି। ବିଜୁ ଜନତା ଦଳର କର୍ମୀ ତଥା ନିଜ ସମର୍ଥକଙ୍କ ସହ ଏକ ଶୋଭାଯାତ୍ରାରେ ବାହାରି ଗ୍ରାମବାସୀଙ୍କୁ ଭେଟିବା ସହିତ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ବିଜୁ ଜନତା ଦଳକୁ ବିପୁଳ ପରିମାଣରେ ଭୋଟ ଦେବା ସହ ଓଡ଼ିଶାର ବିକାଶରେ ସାମିଲ ହେବାନେଇ ଜନ ସାଧାରଣଙ୍କୁ ଅଳକା ଅନୁରୋଧ କରିଛନ୍ତି। ନାରୀମାନଙ୍କ ପ୍ରଗତି ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱତନ୍ତ୍ର ଭିଜନ ରହିଥିବା ବେଳେ ସମସ୍ତ କ୍ଷେତ୍ରରେ ମହିଳାଙ୍କୁ ସମାନ ଅଧିକାର ଦେବା ସହ ମହିଳା ମାନଙ୍କୁ ପ୍ରତିଷ୍ଠିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କାର୍ଯ୍ୟ କରୁଛନ୍ତି। ଏଥର ନିର୍ବାଚନରେ ମହିଳା ନେତୃତ୍ୱକୁ ସଶକ୍ତ କରିବା ପାଇଁ ଜଣେ ମହିଳାଙ୍କୁ ବରଗଡ଼ ଲୋକସଭା ପ୍ରାର୍ଥୀ କରିଥିବାବେଳେ ଏହି କ୍ଷେତ୍ରରେ ଚାରି ଜଣ ମହିଳାଙ୍କ ଉପରେ ବିଶ୍ୱାସ ରଖି ବିଧାନସଭା ପ୍ରାର୍ଥୀ କରାଯାଇଛି। କାର୍ଯ୍ୟ, ସ୍ୱଚ୍ଛ ଭାବମୂର୍ତ୍ତି ପ୍ରତ୍ୟେକ ରାଜ୍ୟବାସୀଙ୍କୁ ବିଜୁ ଜନତା ଦଳସହ ଯୋଡି ରଖିଛି। ଲୋକଙ୍କ ବିଶ୍ୱାସ ଏବଂ ଭଲ ପାଇବା ନବୀନ



ମୁଖ୍ୟମନ୍ତ୍ରୀଙ୍କ ବିଶ୍ୱାସକୁ ସମସ୍ତେ ନିଶ୍ଚିତ ଭାବରେ ବଜାୟ ରଖି ସମସ୍ତ ପ୍ରାର୍ଥୀ ବିଜୟୀ ହେବେ ବୋଲି ବୋଲି ଅଳକା ମହାନ୍ତି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀଙ୍କ ଲୋକାଭିମୁଖୀ ପଟ୍ଟନାୟକଙ୍କସହ ରହିଛି। ତେଣୁ ଆଗାମୀ ନିର୍ବାଚନରେ ନିଶ୍ଚିତ ଭାବରେ ବିପୁଳ ପରିମାଣର ଭୋଟ ବ୍ୟବଧାନରେ ବିଜୁ ଜନତା ଦଳର ସମସ୍ତ ପ୍ରାର୍ଥୀ ବିଜୟୀ ହେବେ ବୋଲି ଶ୍ରୀମତୀ ମହାନ୍ତି କହିଛନ୍ତି। ଏହି ଅବସରରେ ରାଜପୁର ଗ୍ରାମ ପଞ୍ଚାୟତର ପୂର୍ବତନ ସମିତି ସଭ୍ୟ ଗଣେଶରାମ ବାଗ, ଚାନ୍ଦନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ଲୋଇସିଂହ ସରପଞ୍ଚ ସନାତନ ରୋହିଦାସ, ଗୌଡମାଲ ସରପଞ୍ଚ ରାଜକୁମାର ସାଏ, ପିନି ସାଏ, ସୁଜାତା ପାଟଯୋଶୀ, ରାଜପୁର ନାଏବ ସରପଞ୍ଚ କୌଶଲ୍ୟା ଦେହୁରୀ, ବ୍ଲକ ଛାତ୍ର ବିଜେଡ଼ି ସଭାପତି ଦିବ୍ୟ କିସାନ, ରାଜା ପାଟଯୋଶୀ, ଜୟ କୁମାରୀ ପଟେଲ, ଗଦାଧର ରାଏ, ସୁବ୍ରତ ସେଠ, ଚୂଡ଼ାମଣି ସେଠ, ବେଦମତୀ ତନ୍ତୀ, ଉଦିତ ମାଝୀ, ଗୋବିନ୍ଦ ସାହୁ, ରାଜପୁର ଗ୍ରାମ ପଞ୍ଚାୟତର ୱାର୍ଡ ସଭ୍ୟ ସଭ୍ୟାମାନଙ୍କ ମଧ୍ୟରେ ଲତିକା ମାଝୀ, ମମତା ମେହେର, ଭଗବତୀ ମାଝୀ, ଜେମା ମଲ୍ଲିକ, ସରିତା ଲୁହା, ଯାଜ୍ଞସେନୀ କୁମୁରାଙ୍କ ସମେତ ଶତାଧିକ ମହିଳା ଏବଂ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

## ବ୍ୟାନର ହଟାଇବା ନେଇ ପୁଲିସରେ ଅଭିଯୋଗ

**ବ୍ରଜରାଜନଗର, ୯।୪(ସମିସ):** ବ୍ରଜରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀର ରାଜନୀତି ଏବେ ସରଗରମ ହେବାରେ ଲାଗିଛି। 'ବାହାରିଆ ନେତା ଗୋ ବ୍ୟାକ' ଲେଖାଥିବା ଏକ ବ୍ୟାନର ଗତ ୬ ତାରିଖରେ ଗାନ୍ଧିଛକ ସ୍ଥିତ ମହାତ୍ମାଗାନ୍ଧୀ ପ୍ରତିମୂର୍ତ୍ତି ତଳେ ଥିବା ରେଲିଂରେ ଲଗାଯାଇଥିଲା। ଉକ୍ତ ବ୍ୟାନରକୁ କେହି ୭ ତାରିଖ ସକାଳେ ବାହାର କରି ଫିଙ୍ଗି ଦେଇଥିବା ନେଇ ବ୍ରଜରାଜନଗର ସଚେତନ ନାଗରିକ ମଞ୍ଚ ତରଫରୁ ଗାନ୍ଧିଛକ ଫାଣ୍ଡି ପୁଲିସ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଏହି ପରି ଆଚରଣ ଅଗଣତାନ୍ତ୍ରିକ ହୋଇଥିବା ବେଳେ ଗାନ୍ଧିଛକରେ ଲାଗିଥିବା ସିସିଟିଭି ଯାଞ୍ଚ କରାଯାଇ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବ୍ରଜରାଜନଗର ସଚେତନ ନାଗରିକ ମଞ୍ଚ ତରଫରୁ ଅନୁରୋଧ କରାଯାଇଛି।

## ମୁକ୍ତା ଯୋଜନାର ପରିଦର୍ଶନ ଓ ସମୀକ୍ଷା କଲେ ଅତିରିକ୍ତ ସଚିବ

**ଝାରସୁଗୁଡ଼ା, ୯।୪(ସମିସ):** ବେଲପାହାଡ଼ ସହରରେ ମୁକ୍ତ ଯୋଜନାରେ ବିଭିନ୍ନ ସୌନ୍ଦର୍ଯ୍ୟକରଣ, ସ୍ମାର୍ଟ ପାର୍କ, ପେଭର ବ୍ଲକ ଓ ଅନ୍ୟାନ ବିକାଶମୂଳକ କାର୍ଯ୍ୟର ମଙ୍ଗଳବାର ସକାଳ ୧୧ଟାରୁ ଅପରାହ୍ଣ ୩ଟା ଯାଏ ତଦାରଖ କରିବା ସହିତ ସମୀକ୍ଷା କରିଛନ୍ତି ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ବିଶ୍ୱଜିତ ପୃଷ୍ଟି। ଶ୍ରୀ ପୃଷ୍ଟି ବେଲପାହାଡ଼ ପୌର ପରିଷଦରେ ପହଞ୍ଚି ବିଭିନ୍ନ ୱାର୍ଡମାନଙ୍କରେ ମୁକ୍ତା ଯୋଜନାରେ କରାଯାଇଥିବା ବିଭିନ୍ନ କାର୍ଯ୍ୟର ବ୍ୟକ୍ତିଗତ ଭାବରେ ତଦାରଖ କରିଥିଲେ। ଏମିତିକି କେତେକ ୱାର୍ଡରେ ହିତାଧିକାରୀମାନଙ୍କୁ ମଧ୍ୟ ପଚାରାଉଚରା କରିଥିଲେ।




## ସ୍ୱାଧୀନ କାଉନସିଲରଙ୍କୁ ଭେଟିଲେ ଧର୍ମେନ୍ଦ୍ର

**ଦେବଗଡ଼, ୯।୪(ସମିସ):** ବିଜେପିର ସମ୍ବଲପୁର ଲୋକସଭା ପ୍ରାର୍ଥୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେବଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀରେ ପ୍ରଥମ ନିର୍ବାଚନୀ ପ୍ରଚାର କରିଛନ୍ତି। ଏହି ଅବସରରେ ଭୂୟାଁସାହିରେ ତାଙ୍କୁ ସ୍ୱାଗତ କରାଯାଇଛି। ତେବେ ସେ ହାତୀଶାଳ ସାହିର ସ୍ୱାଧୀନ କାଉନଶୀଲର ଧର୍ମେନ୍ଦ୍ର ଦେବତାଙ୍କ ଭୂୟାଁସାହିସ୍ଥିତ ବାସଭବନକୁ ଯିବା ଚର୍ଚ୍ଚା ସୃଷ୍ଟି କରିଛି। ଶ୍ରୀ ଦେବତାଙ୍କ ପରିବାର ସଦସ୍ୟ ଓ ସାହିବାସିନ୍ଦାଙ୍କ ସହ ଧର୍ମେନ୍ଦ୍ର କିଛି ସମୟ ଅତିବାହିତ କରିଥିଲେ। ଏଣୁ ଧର୍ମେନ୍ଦ୍ରଙ୍କ ଘରେ ଧର୍ମେନ୍ଦ୍ର କି ଅଙ୍କ କଷିଲେ ସେ ନେଇ ଲୋକଙ୍କ ମଧ୍ୟରେ କୌତୁହଳ ସୃଷ୍ଟି ହୋଇଛି।



## ଲମ୍ବଡୁରାରେ ପ୍ରଚାର, ଗ୍ୟାରେଣ୍ଟି କାର୍ଡ ବଣ୍ଟନ

**ଦେବଗଡ଼, ୯।୪(ସମିସ):** ନିର୍ବାଚନୀ ତାରିଖ ପାଖେଇ ଆସୁଛି। ଦେବଗଡ଼ ବିଧାନସଭା ଆସନ ନିମନ୍ତେ କିନ୍ତୁ କଂଗ୍ରେସ ପ୍ରାର୍ଥୀ ଘୋଷଣା କରିପାରିନି। ଏହା ସତ୍ତ୍ୱେ ଜିଲ୍ଲା କଂଗ୍ରେସ ପକ୍ଷରୁ ନିର୍ବାଚନ ପ୍ରଚାର ଆରମ୍ଭ ହୋଇଯାଇଛି। ତିଳେଇବଣି ବ୍ଲକ ଲଇମୁରା ପଞ୍ଚାୟତର ଲମ୍ବଡୁରା ଗ୍ରାମରେ ଜିଲ୍ଲା କଂଗ୍ରେସ ପକ୍ଷରୁ ନିର୍ବାଚନୀ ପ୍ରଚାର ସହ କଂଗ୍ରେସର ଗ୍ୟାରେଣ୍ଟି କାର୍ଡ ବଣ୍ଟନ କରାଯାଇଛି। ଏହି ଉପଲକ୍ଷେ ଜିଲ୍ଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ରମେଶ ଚନ୍ଦ୍ର ପାତ୍ର, ଅନିଲ ଲାକ୍ରା, ଅଲେଖ ନାଏକ, ଅନୁକୂଳ ନାଏକ, ଆକାଶ ଦାସ, ଅମ୍ରିତ ହାଁସଦା, ନାଥ କୃଷ୍ଣ ଜାଲ ଓ ଦେବେନ୍ଦ୍ର ଗଡ଼ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଲୁଢର କଲେଜରେ ଅଂଶୁଘାତ ସଚେତତନା କାର୍ଯ୍ୟକ୍ରମ

**ଦେବଗଡ଼, ୯।୪(ସମିସ):** ତିଳେଇବଣି ବ୍ଲକର ଲୁଢର ଗ୍ରାମସ୍ଥିତ ସୁବାସ ନାଏକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଅଂଶୁଘାତ ସଚେତତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଏନଏସଏସ ପ୍ରୋଗ୍ରାମ ଅଫିସର ରାକେଶ ଚନ୍ଦ୍ର ସେଠୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଅଧାପକ ନରେଶ ଶଙ୍କର ହଂସ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ଅଂଶୁଘାତରୁ କିପରି ରକ୍ଷା ପାଇବେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ସଚେତନତା କାର୍ଯ୍ୟକ୍ରମରେ ଅଧାପକ ନେତ୍ରାନନ୍ଦ ଜୟପୁରିଆ, ମୋହନଲାଲ ବାଘ, ସଞ୍ଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।




# ଶାଶୁଘର ପକ୍ଷରୁ ବୋହୂକୁ ନିର୍ଯାତନା

■ ପ୍ରତିବାଦ କରିବାରୁ କନ୍ୟା ପକ୍ଷକୁ ମାଡ଼ପିଟ୍

**ବ୍ରଜରାଜନଗର, ୯।୪(ସମିସ):** ଶାଶୁଘର ପକ୍ଷରୁ ବୋହୂଙ୍କୁ ମାଡ଼ପିଟ କରିବା ଓ ଏହାର ପ୍ରତିବାଦ କରିବାରୁ ଝିଅ ପରିବାର ଲୋକଙ୍କୁ ମାଡ଼ପିଟ କରିବା ନେଇ ଝିଅର ବାପା ସୁରେଶ ରାୟ ବ୍ରଜରାଜନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ ବ୍ରଜରାଜନଗର ଥାନା ରାମରକ୍ଷାପଡ଼ାର ସୁରେଶଙ୍କ ଝିଅ ପୁନମଙ୍କୁ ଶାଶୁଘର ଲୋକେ ମାଡ଼ପିଟ କରୁଥିବା ନେଇ ଝିଅ ଫୋନ ଯୋଗେ କହିଥିଲେ। ଖବର ପାଇ ପୁନମଙ୍କ ଭାଇ ଅଜୟ ରାୟ ଭଉଣୀର ଶାଶୁ ଘର ଲମଟିବାହାଲ ଗୁଆଲାପଡ଼ାକୁ ଯାଇ ଭଉଣୀକୁ କାହିଁକି ମାଡ଼ପିଟ କରୁଛନ୍ତି ବୋଲି ଶାଶୁ ଘର ଲୋକଙ୍କୁ ପଚାରିବା ସହ ବୁଝାସୁଝା କରିଥିଲେ। ଏଥିରେ ଉତ୍ତ୍ୟକ୍ତ ହୋଇ ପୁନମଙ୍କ ଦିଅର ପ୍ରେମ ରାୟ, ଦୀପକ ରାୟ ଓ ଦିନେଶ ରାୟ ମିଳିତ ଭାବେ ଅଭଦ୍ର ଭାଷାରେ ଗାଳିଗୁଲଜ କରିବା ସହିତ ବିଅର ବୋତଲରେ ମରଣାନ୍ତକ ଆକ୍ରମଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଖବର ପାଇ ଅଜୟଙ୍କ ବାପା ସୁରେଶ ସେଠାକୁ ଯିବାରେ ତାଙ୍କର ନାକ, କପାଳକୁ ପଥର ମାରି ଫଟାଇ ଦେଇଥିବା ବେଳେ ସ୍ଥାନୀୟ ଲୋକଙ୍କ ସହାୟତାରେ ସେ ସେଠାରୁ ଫେରିଥିଲେ। ଅଭିଯୋଗକୁ ଭିତ୍ତିକରି ବ୍ରଜରାଜନଗର ଥାନାରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ନକାରାତ୍ମକ ଭାବନା ମାନସିକ ରୋଗର କାରଣ



**ଝାରସୁଗୁଡ଼ା, ୯।୪(ସମିସ):** ବୁଡାପଡ଼ା ବୁରୋମାଲ ସ୍ଥିତ ଝାଡ଼େଶ୍ୱରୀ ସ୍ୱତନ୍ତ୍ର ଦିବ୍ୟାଙ୍ଗ ବିଦ୍ୟାଳୟ (ଦୃଷ୍ଟି ହୀନ, ମୁକ ବଧିର ଓ ମାନସିକ ଅନଗ୍ରସର) ଠାରେ ବେଦାନ୍ତ ଝାରସୁଗୁଡ଼ା ପକ୍ଷରୁ ବିଶ୍ୱ ସ୍ୱାସ୍ଥ୍ୟ ଦିବସ ଉପଲକ୍ଷେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେରେ ବେଦାନ୍ତ ମୋବାଇଲ ମେଡିକେୟାର ୟୁନିଟର ଡାକ୍ତର ଜୟ ନାରାୟଣ ପୂଜାରୀ, ଡାକ୍ତର ସୁବ୍ରତ କୁମାର ପୂଜାରୀ ଏବଂ ଫର୍ମାସିଷ୍ଟ ସଞ୍ଜୀବ ସାହୁ ଉପସ୍ଥିତ ରହି ଦିବ୍ୟାଙ୍ଗ ପିଲାମାନଙ୍କୁ ଓ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀ ଓ କର୍ମଚାରୀମାନଙ୍କୁ ନିଜ ସ୍ୱାସ୍ଥ୍ୟ କିଭଳି ଭାବରେ ନିଜକୁ ନିରୋଗୀ ଓ ସ୍ୱାସ୍ଥ୍ୟବାନ ହୋଇ ପାରିବେ ଏହାପାଇଁ କଣ କରାଯିବା ଉଚିତ ସେ ବିଷୟରେ ପରାମର୍ଶ ଦେଇ ଥିଲେ। ଏହି ଶିବିରରେ ବିଦ୍ୟାଳୟ ପକ୍ଷରୁ ପ୍ରତିଷ୍ଠାତା ବିବେକାନନ୍ଦ ମିଶ୍ର ସଭାପତିତ୍ୱ କରିଥିବା ବେଳେ ମୁକବଧିର ବିଭାଗ ମୁଖ୍ୟ ପ୍ରଶିକ୍ଷକ ଉପେନ୍ଦ୍ର ଭଇଁସ ବଧିରମାନଙ୍କ ସାଙ୍କେତିକ ଭାଷାରେ ଭାଷଣକୁ ଅନୁବାଦ କରୁଥିଲେ। ପ୍ରିନସିପାଲ ନମିତା ନାଥ ଧନ୍ୟବାଦ ଅର୍ପଣ କରିଥିଲେ।

## ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବାର୍ଷିକ ଉତ୍ସବ



**ଦେବଗଡ଼, ୯।୪(ସମିସ):** ଦେବଗଡ଼ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ୩୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଡମ୍ବରୁଧର ସାହୁ, ମୁଖ୍ୟବକ୍ତା ଭାବେ ଟିକେଶ୍ୱର ଦାଶ, ସମ୍ମାନିତ ଅତିଥି ଭାବେ ହୃଷିକେଷ ଦେହୁରୀ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ହରିନାରାୟଣ ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ସମ୍ପାଦକ ରମଣୀରଞ୍ଜନ ଆଚାର୍ଯ୍ୟ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସାହଦୋ ବାନୋ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ କରାଯାଇଥିଲା। ମନୋଜ ମହାପାତ୍ର, ସୁଶାନ୍ତ ଦ୍ୱିବେଦୀ, ମିର୍ଜା ଜମିର ବେଗ, ସୁଧାଂଶୁ ଶେଖର ଦେବତା, ପ୍ରତାପ ଚନ୍ଦ୍ର ଦ୍ୱିବେଦୀ, ସୁଦିପ୍ତା ଆଚାର୍ଯ୍ୟଙ୍କ ସମତେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆନନ୍ଦଉଲ୍ଲାସରେ ହିନ୍ଦୁ ନବବର୍ଷ ପାଳିତ







**ଝାରସୁଗୁଡ଼ା, ୯।୪(ସମିସ)**

ହିନ୍ଦୁ ନବବର୍ଷ ଅବସରରେ ଆଜି ଏକ ବିଶାଳ ଶୋଭାଯାତ୍ରା ମନମୋହନ ଏମଇ ସ୍କୁଲପଡ଼ିଆରୁ ବାହାରି ଧର୍ମଶାଳା ଛକ, ଥାନା ଛକ, ମଙ୍ଗଳବଜାର ଛକ, ଷ୍ଟେସନ ଛକ, ପୁରୁଣାବସ୍ତି ଛକ ଓ ପରେ ପୁରୁଣା ବସଷ୍ଟାଣ୍ଡ ସ୍ଥିତ ଗାନ୍ଧୀମୂର୍ତ୍ତି ଛକଠାରେ ପହଞ୍ଚିଥିଲେ। ଶୋଭାଯାତ୍ରାରେ ସହସ୍ରାଧିକ ଲୋକ ଯୋଗଦେଇ ଭକ୍ତଙ୍କ ସେବା ଓ ସହଯୋଗ କରିଥିଲେ। ହିନ୍ଦୁ ନବବର୍ଷର ଏହି ପାବନ ତିଥିରେ ଆଦିବାସୀ ନୃତ୍ୟ, ସଞ୍ଚାର ସହ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିବ ଦ୍ୱାରା ଦର୍ଶକ ମନମୁଗ୍ଧ ହୋଇଥିଲେ। ଆଜିର ଏହି ମହାନ ଉତ୍ସବରେ ଝାରସୁଗୁଡ଼ା ବିଧାନସଭା ପ୍ରାର୍ଥୀ ଦିପାଳୀ ଦାସ, ବରଗଡ଼ ଲୋକସଭା ପ୍ରାର୍ଥୀ ପରୀମିତା ମିଶ୍ର, ବିଜେଡି ଯୁବ ନେତା ବିଶାଳ ଦାସ, ପୌର ପରିଷଦ ଅଧକ୍ଷା ରାନୀ ହାତୀ ଯୋଗଦେଇ ଜିଲ୍ଲାବାସୀଙ୍କୁ ହିନ୍ଦୁ ନବବର୍ଷର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଶୋଭାଯାତ୍ରାକୁ ସଫଳ ମଣ୍ଡିତ କରିବା ପାଇଁ ବହୁ ସଂଗଠନ ଓ ପୁଲିସ ପ୍ରଶାସନ ପକ୍ଷରୁ ବହୁ ପଦକ୍ଷେପ ଗ୍ରହଣ କରାଯାଇଛି। ଆଜିର ଶୋଭାଯାତ୍ରାରେ ରବି ସିଂ, ତାପସ ରାୟ, ଚୌଧୁରୀ ସନ୍ଦିପ ଅବସ୍ଥୀ, ରଘୁମଣି ପଟେଲ, ପୱନ୍ ସିଂ ଯାଦବ, ବାଲଗୋବିନ୍ଦ୍ ମିଶ୍ର, ହୀରାଲାଲ ଲୋକଚନ୍ଦନି, ରବୀନ୍ଦ୍ର ଦୀକ୍ଷିତ, ରାଜୁ ପାଣିଗ୍ରାହି, ଗୋବିନ୍ଦ ସିଂହାନିଆ, ଶ୍ରୀକାନ୍ତ ମହାନ୍ତି, ବିଷ୍ଣୁ ପାଢ଼ୀ, ଶଶି ତିୱାରୀ, ଜୟ ପ୍ରକାଶ କୁଅାଁର, ତୁଳସୀ ଦାସ, ଅରବିନ୍ଦ ବାରିକ, ଗୌରବ ଶ୍ରିବାସ, ପ୍ରଶାନ୍ତ ଜେନା, ଆଶିଷ ଶର୍ମା, ସରିତା ଅଗ୍ରୱାଲ, ରିଙ୍କି କୋର, ନବନିତ୍ କୋର, ଗୀତାଞ୍ଜଳୀ ପଣ୍ଡା, କାଜଲ ସିଂ, ଦିପା ନାଏକ ଓ ଲକ୍ଷ୍ମୀ ଥାପା ପ୍ରମୁଖ ଉପସ୍ଥିତ ଥିଲେ।

**ବ୍ରଜରାଜନଗର:** ବ୍ରଜରାଜନଗର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟମନ୍ଦିର ପରିସରରେ ମଙ୍ଗଳବାର ଆନନ୍ଦ ଉଲ୍ଲାସରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ କରାଯାଇଛି। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ନୃତ୍ୟ ଓ ରଙ୍ଗୋଲି ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଯୋଗେନ୍ଦ୍ର ନାଥ ଠାକୁର ହିନ୍ଦୁ ନବବର୍ଷର ମହତ୍ୱ ବିଷୟରେ ଆଲୋକପାତ କରିବା ସହିତ ସମସ୍ତଙ୍କୁ ଶୁଭକାମନା ଜଣାଇଥିଲେ। ନିଜ ଭିତରେ ଥିବା ଦୁର୍ଗୁଣକୁ ଦୂରକରି ସଦଗୁଣକୁ ଆପଣେଇବାର ସଂକଳ୍ପ ନେବାପାଇଁ ପ୍ରଧାନଆଚାର୍ଯ୍ୟ ଉଦବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଗୁରୁଜୀ ଓ ଗୁରୁମା ସମସ୍ତ ଦାୟିତ୍ୱ ସଫଳତାର ସହିତ ନିର୍ବାହ କରିଥିଲେ।

**ଝାରସୁଗୁଡ଼ା:** ସରବାହାଲ ସ୍ଥିତ ସରସ୍ୱତୀ ଶିଶୁମନ୍ଦିରରେ ଚୈତ୍ର ଶୁକ୍ଳ ପ୍ରତିପଦା ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିଚାଳନା ସମିତିର ସଭାପତି ଡ.ସରୋଜ କୁଅାଁର, ସମ୍ପାଦକ ସୁବ୍ରତ ତ୍ରିପାଠୀ, ଉପସଭାପତି କୃଷ୍ଣଚନ୍ଦ୍ର ସାହୁ, ଅଶୋକ ସାକୁନିଆ, ପ୍ରଶାନ୍ତ ଦାଶ ଅତିଥି ଭାବେ ଯୋଗଦେଇ ସନାତନ ଧର୍ମର ମହତ୍ତ୍ୱ ରକ୍ଷା କରିବା ସହିତ ରାଷ୍ଟ୍ରୀୟ ସ୍ୱାଭିମାନ, ସଂସ୍କୃତିର ସୁରକ୍ଷା କରିବା, ରାଷ୍ଟ୍ରର ନବଜାଗରଣରେ ସାମିଲ ହେବା ଆମର କର୍ତ୍ତବ୍ୟ ବୋଲି କହିଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ବିଜୟ କୁମାର ପଟେଲ ଅତିଥିଙ୍କ ପରିଚୟ ପ୍ରଦାନ କରିବା ସହିତ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷକୁ ଆନନ୍ଦ ଓ ଉଲ୍ଲାସର ସହିତ ପାଳନ କରିବା ପାଇଁ ମାର୍ଗଦର୍ଶନ ଦେଇଥିଲେ। ଦିପ୍ତିମୟୀ ମହାପାତ୍ର ଗୁରୁମା ମଞ୍ଚ ସଞ୍ଚାଳନ କରିଥିଲେ। ବରିଷ୍ଠ ଆଚାର୍ଯ୍ୟା ସଂଯୁକ୍ତା ମେହେର ସ୍ୱାଗତ ସଙ୍ଗୀତ ଗାନ କରିବା ସହିତ ଗୁରୁମା ସଞ୍ଜୁ ପଟେଲ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ। ମିଲି ପଟେଲ ଗୁରୁମା କାର୍ଯ୍ୟକ୍ରମ ସଂଯୋଜନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

# ଏସ୍‌ଏମ୍‌ସି ପକ୍ଷରୁ ନିର୍ମିତ ଖୋଲା ଜିମ୍ ନିମ୍ନମାନର ଅଭିଯୋଗ

**ସମ୍ବଲପୁର, ୯।୪(ସମିସ):** ସମ୍ବଲପୁର ସହରରେ ଅନେକ ସ୍ଥାନରେ ଖୋଲା ଯୁବକଙ୍କ ପାଇଁ ଜିମ ଓ ଛୋଟ ପିଲାଙ୍କ ପାଇଁ ଖେଳିବା ଉପକରଣ ନିର୍ମାଣ କରାଯାଇଛି। ହେଲେ ଏହି ସବୁ ଉପକରଣ ଉପମାନର ସାମଗ୍ରୀ ସ୍ଥାପନ କରିଛନ୍ତି। ଯାହା ବୈଷୟିକମନକ ଅନୁଯାୟୀ ନୁହଁ। ଏହି ଉପମାନର ସାମଗ୍ରୀଗୁଡିକ କେବଳ ସୁରକ୍ଷା ମାନଦଣ୍ଡର ବିପଦଜ୍ଜନକ ନୁହେଁ ବରଂ ପିଲାଙ୍କ ପାଇଁ ସ୍ୱାସ୍ଥ୍ୟ ମାନଦଣ୍ଡର




ନିମ୍ନ ମାନର ବୋଲି ସମ୍ବଲପୁର ବାସିନ୍ଦା ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି। ଅଭିଯୋଗକ୍ରମେ ଯୁବକଙ୍କ ସ୍ୱାସ୍ଥ୍ୟ ସୁବିଧାକୁ ନଜରରେ ରଖି ସମ୍ବଲପୁର ପ୍ରଶାସନ ପକ୍ଷରୁ ବିଭିନ୍ନ ଭାଗରେ ଖୋଲା ଜିମ ଏବଂ ପିଲାଙ୍କ ପାଇଁ ଖେଳ ଉପକରଣ ସ୍ଥାପନା କରାଯାଇଛି। ହେଲେ ଏହି ସବୁ ଉପକରଣ ନିମ୍ନ ମାନର ବୋଲି ଅଭିଯୋଗ ହୋଇଛି।ଇଞ୍ଜିନିୟମାନଙ୍କ ତତ୍ତ୍ୱାବଧାନରେ ଏବଂ ନେତୃତ୍ୱରେ ବୈଷୟିକ କମିଟି କାରଣରୁ ଯୋଗାଣକାରୀ ବିଭିନ୍ନ ସ୍ଥାନରେ ମଧ ବିପଦଜ୍ଜନକ ବୋଲି ଅଭିଯୋଗ କରିଛନ୍ତି। ବ୍ୟବହୃତ ସାମଗ୍ରୀଗୁଡିକର ଟେଣ୍ଡର ଡକ୍ୟୁମେଣ୍ଟରେ ଦିଆଯାଇଥିବା ପରି ଉପଯୁକ୍ତ ସୁରକ୍ଷା ପ୍ରମାଣ ପତ୍ର ନାହିଁ। ଏଥିପାଇଁ ଜିଲ୍ଲପାଳଙ୍କୁ ବ୍ୟକ୍ତିଗତ ଭାବେ ଉକ୍ତ ଉପକରଣ ଉପରେ ତର୍ଜମା କରିବାକୁ ଅନୁରୋଧ କରାଯାଇଛି। ଚୁକ୍ତିର ନିୟମ ଏବଂ ସର୍ତ୍ତ ଅନୁଯାୟୀ ଯୋଗଣକାରୀ ଓ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମ୍ବଲପୁର ବାସିନ୍ଦା ଦାବି କରିଛନ୍ତି।

# ଭିସୁଟରେ ଇ-ସୁମିତ ୨୦୨୪ ଉଦ୍‌ଘାଟିତ

**ବୁର୍ଲା, ୯।୪(ସମିସ)**

ବୀର ସୁରେନ୍ଦ୍ର ସାଇ ୟୁନିଭର୍ସିଟି ଅଫ୍ ଟେକ୍ନୋଲୋଜିର ଉଦ୍ୟୋଗୀ ସେଲ୍‌ଫ ଦ୍ୱାରା ଆୟୋଜିତ ୨ ଦିନିଆ ପଶ୍ଚିମ ଓଡ଼ିଶାର ସର୍ବ ବୃହତ ଫ୍ଲାଗସିପ୍ ଇଭେଣ୍ଟ ଇ-ସୁମିତ୨୦୨୪ ଉଦ୍‌ଯାପିତ ହୋଇଯାଇଛି। ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ଭାବେ ଫିଣ୍ଟେକ୍‌ର ମୁଖ୍ୟ ପ୍ରଯୁକ୍ତିବିଦ୍ୟା ଅଧିକାରୀ ଭୋକାଁୟାଲା ଭେଙ୍କଟା ଗିରି, ଡିଜିଏମ୍ ଟାଟା ମୋଟର୍ସର ଡ. ଦେବବ୍ରତ ଗିରି, ଫିଡୋର ସହ-ପ୍ରତିଷ୍ଠାତା ତଥା ସିଇଓ ସତ୍ୟଜିତ୍ ପଟ୍ଟନାୟକ ଏବଂ ଟାଟା କମିନ୍ସ ଏବଂ ସହ-ପ୍ରତିଷ୍ଠାତା କଳିଙ୍ଗ ହେରିଟେଜ୍‌ର ଅର୍ଚ୍ଚନା ତ୍ରିପାଠୀ ଯୋଗ ଦେଇଥିଲେ। ଛାତ୍ର କଲ୍ୟାଣ ବିଭାଗର ଡିନ୍ ପ୍ରଫେସର ସଞ୍ଜୟ କୁମାର ପାତ୍ର, ବିଦ୍ୟାଧର ରାଉତ, ଡ. ପ୍ରଜ୍ଞା ମହାନ୍ତି ଏବଂ ଦେବୀଦାସି ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସମ୍ମିଳନୀରେ ସ୍ୱାସ୍ଥ୍ୟସେବା, ଡ୍ରୋନ୍ ଇଣ୍ଡଷ୍ଟ୍ରି, ମେସିନ୍ ଲର୍ଣ୍ଣିଂ ଏବଂ କ୍ଷୁଦ୍ର ଏବଂ ମଧ୍ୟମ ବ୍ୟବସାୟ ପାଇଁ ସାଇବର ନିରାପତ୍ତା ଉପରେ ବିଭିନ୍ନ ସମସ୍ୟାର ସମାଧାନ ନେଇ ଆଲୋଚନା ହୋଇଥିଲା। ଶିଖର ସମ୍ମିଳନୀ ପରେ ଏକ ନେଟୱାର୍କିଂ ମଧାହ୍ନ ଭୋଜନ ଅନୁଷ୍ଠିତ ହୋଇଥିଲା ଯେଉଁଠାରେ ଉପସ୍ଥିତ ଲୋକମାନେ ପ୍ରସିଦ୍ଧ ଦୂରଦୃଷ୍ଟିଧାରୀ ଏବଂ ଷ୍ଟାର୍ଟଅପ୍ ପ୍ରତିଷ୍ଠାତାଙ୍କଠାରୁ ନେଟୱାର୍କ କରିବା ଏବଂ ଶିଖିବାର ସୁଯୋଗ ପାଇଥିଲେ। ଏହି ଲାଇନଅପ୍‌ରେ କ୍ରିଏଟର୍ସ କର୍ଣ୍ଣର ମଧ ସାମିଲ ଥିଲା, ଯେଉଁଠାରେ ଅଲିଭ୍ ରିଡ୍ଲେ ମିଡିଆର ପ୍ରତିଷ୍ଠାତା ସମର ପ୍ରତାପ ନାୟକ ଏକ ଟକ୍ ସୋ କରିଥିଲେ। ଏହି ସମ୍ମିଳନୀରେ ଭିମ୍ସାରର ଡିନ୍ ତଥା ପ୍ରିନ୍ସିପାଲ ପ୍ରଫେସର ଡ. ପ୍ରଦୀପ କୁମାର ମହାନ୍ତି ଏବଂ ସମ୍ବଲପୁର ଆଇଆଇଏମ ଆଇଏଚ୍ୟୁବି ଅଧକ୍ଷ ପ୍ରଫେସର ଦିବାହାର ଏସ୍ ନାଦରଙ୍କୁ ନେଇ ଗଠିତ ୪୮ ଘଣ୍ଟା ଧରି ଚାଲିଥିବା ଏହି କମିଟିରେ ଅଂଶଗ୍ରହଣକାରୀମାନେ ସେମାନଙ୍କର ଧାରଣା ଉପସ୍ଥାପନ କରିଥିଲେ। ବିଜେତା ଓ ଅତିଥିମାନଙ୍କୁ ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଇ-ସମ୍ମିଳନୀ ଶେଷ ହୋଇଥିଲା। ଶେଷରେ ଡ. ଦେବୀଦାସୀ ମହାନ୍ତି ସମସ୍ତ ଅତିଥି ଓ ଶ୍ରୋତାଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଇ-ସମିଟ୍ ଭିଏସ୍ଏସ୍ୟୁଟି ୨୦୨୫ର ଆୟୋଜକ ରାହୁଲ କ୍ରିଷ୍ଣା ନନ୍ଦ, ଶ୍ରଦ୍ଧା ମହାପାତ୍ର ଓ ବୁର୍ଲାସ୍ଥିତ ଭିଏସ୍ଏସ୍ୟୁଟିର ପ୍ରି-ଫାଇନାଲ୍ ବର୍ଷର ଛାତ୍ର ଅଂଶୁ ଅଗ୍ରଓ?।ଲଙ୍କ କହିବା ନୁଯାୟୀ, ପଶ୍ଚିମ ଓଡ଼ିଶାର ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଦୃଢ଼ ଉଦ୍ୟୋଗୀ ମାନସିକତା ସୃଷ୍ଟି କରିବାକୁ ଏହି ଆଣ୍ଟ୍ରେପ୍ରେନସିପ୍ କନ୍ କ୍ଲେଭ୍ ପ୍ରୟାସ କରୁଛି। ପ୍ରକାଶଥାଉକି, ଉଦ୍‌ଘାଟନୀ ସମାରୋହରେ କୁଳପତି ପ୍ରଫେସର ବଂଶୀଧର ମାଝୀଙ୍କ ସହ ମୁଖ୍ୟ ଅତିଥି ଭାବେ କେଡବ୍ଲୁସିଜି ୧ର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଖାଲିଦ ୱାନି ଯୋଗଦେଇଥିଲେ। ଭିଲେଜ କ୍ରାଫ୍ଟର ଚିନ୍ମୟ ସତପଥୀ, ଡିନ୍ ଛାତ୍ର କଲ୍ୟାଣ, ପ୍ରଫେସର ସଞ୍ଜୟ କୁମାର ପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଉଦ୍‌ଘାଟନୀ ସମାରୋହରେ ଷ୍ଟାର୍ଟ ଅପ୍ ଓଡିଶି ନାମକ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯେଉଁଠାରେ ମୁଖ୍ୟ ଅତିଥି ଖାଲିଦ ୱାନି ଏବଂ ଚିନ୍ମୟ ସତପଥୀ ନିଜ ଉଦ୍ୟୋଗୀ ଯାତ୍ରାର ମୂଲ୍ୟବାନ ଜ୍ଞାନ ଏବଂ ଅଭିଜ୍ଞତା ବଖାଣିଥିଲେ।




# ଟିକସ ନ ଦେବାରୁ ୩ ମଦ ଦୋକାନ ସିଲ୍

**ସମ୍ବଲପୁର, ୯।୪(ସମିସ)** ଅବକାରୀ ବିଭାଗ ନୂଆଁ ନିୟମ ଅନୁସାରେ ସମ୍ବଲପୁର ସହର ୩ ଗୋଟି ମଦ ଦୋକାନକୁ ସିଲ କରି ଦିଆଯାଇଛି। ଉକ୍ତ ମଦ ଦୋକାନୀ ମାଲିକ ମାନେ ଠିକ ସମୟରେ ମାସିକ ଟିକସନ ଦେଇ ପାରିବାକୁ ଦୋକାନ ଗୁଡିକ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପ୍ରିଲ ମାସର ପ୍ରଥମରୁ ଦୋକାନ ବନ୍ଦ ରହିଛି। ଅଇଁଠାପାଲି ଛକ ଘରୋଇ ବସଷ୍ଟାଣ୍ଡ ନିକଟରେ ଥିବା ମଦଦୋକାନ, ଧନୁପାଲି ଛକରେ ଥିବା ମଦ ଦୋକାନ ଓ ଗୋଲବଜାର ଛକରେ ଥିବା ମଦ ଦୋକାନ ରହିଛି। ଉକ୍ତ ଦୋକାନ ଗୁଡିକ ଆର୍ଥିକ ବର୍ଷ ୨୦୨୧-୨୨ ରୁ ଆରମ୍ଭ କରି ୨୦୨୩-୨୪ ଭିତରେ ସମୁଦାୟ ଟିକସ ଦେଇ ନଥିଲେ। ସେମାନେ ଖିଲାପି କରି ଆସୁଥିଲେ। ଏହା ସହ ନିର୍ଦ୍ଧାରିତ ପରିମାଣ ମଦ ମଧ ନିଗମରୁ ଉଠାଇ ନଥିଲେ। ଏହାକୁ ନେଇ ବିଭାଗ ପକ୍ଷରୁ ବାରମ୍ବାର ତାଗିଦ କରାଯାଇଥିଲା।

# ଓଟିପି ଦେଇ ୫୪ ହଜାର ସାଇବର ଲୁଟ୍‌ର ଶିକାର

**ସମ୍ବଲପୁର, ୯।୪(ସମିସ):** ଅଇଁଠାପାଲି ଥାନା ଅଞ୍ଚଳର ଜଣେ ଯୁବତୀ ଓଟିପି ଦେଇ ସାଇବର ଠକଙ୍କ ଶିକାରରେ ପଡ଼ିଛନ୍ତି। ଅନ୍‌ଲାଇନ୍‌ରେ ଲେଟରୀ କରିବା ନେଇ ପ୍ରଥମେ ସେ ଦୁର୍ବୃତ୍ତ ଯୁବତୀଙ୍କ ସହ ବନ୍ଧୁତା ସ୍ଥାପନ କରିଥିଲା। ପରେ ସେମାନେ ଲେଟେରୀ କାରବାର ନେଇ କଥାବାର୍ତ୍ତା ହୋଇଥିଲେ। ଏଥିପାଇଁ ଠକ ଜଣକ ଯୁବତୀଙ୍କୁ ଟଙ୍କା ମାଗିଥିଲା। ଯୁବତୀ ଜଣକ ନିଜ ମୋବାଇଲ ଓଟିପି ଦେଇଥିଲେ। ଓଟିପିକୁ ବ୍ୟବହାର କରି ପର୍ଯ୍ୟାୟକ୍ରମେ ୪ଥର ଯୁବତୀଙ୍କ ଆକାଉଣ୍ଟରୁ ୫୪ ହଜାରରୁ ଅଧିକ ଟଙ୍କା କଟି ଯାଇଥିଲା। ଏନେଇ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

# ରାଷ୍ଟ୍ରୀୟ ନବବର୍ଷରେ ବୈଦିକ ଯଜ୍ଞ



**ସମ୍ବଲପୁର, ୯।୪ (ସମିସ):** ଆଜି ଚୈତ୍ର ଶୁକ୍ଳ ପ୍ରତିପଦା ହିନ୍ଦୁ ନବବର୍ଷ ଅବସରରେ ଆର୍ଯ୍ୟ ସମାଜ ଅନୁଯାୟୀ ପଣ୍ଡିତ ଦୀନପାଣି ଶାସ୍ତ୍ରୀଙ୍କ ପରିଚାଳନାରେ ସ୍ଥାନୀୟ ଅମ୍ବିରାନଗର ସରସ୍ୱତୀ ବିହାରରେ ନବବର୍ଷ ପାଳନ ସହ ବୈଦିକ ଯଜ୍ଞ ଆୟୋଜିତ ହୋଇଥିଲା। ଛତିଶଗଡ଼ର ବିଶିଷ୍ଟ ଦର୍ଶନାଚାର୍ଯ୍ୟ ବାସୁଦେବ ବ୍ରତୀଙ୍କ ପୌରୋହିତ୍ୟରେ ଯଜ୍ଞ, ୭ ଜଣଙ୍କ ବ୍ରତୋପନୟନ, ୬ ଜଣଙ୍କ ବୈଦିକ ଦୀକ୍ଷା ଗ୍ରହଣ ସହ ବେଦାରମ୍ଭ ସଂସ୍କାର କରିଥିଲେ। ସମ୍ପ୍ରତି ଋକବେଦ ଯଜ୍ଞ ପ୍ରକ୍ରିୟା ଆରମ୍ଭ କରାଯାଇଛି।

**ନବୀନ ନିବାସରେ ଆଦି ସମ୍ପ୍ରଦାୟର କର୍ମକର୍ତ୍ତା**

# ଧନ୍ୟବାଦ ଦେଲେ, ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରିବା ଲାଗି ପଣ କଲେ

**ଭୁବନେଶ୍ୱର, ୯।୪(ସମିସ):** ରାଜ୍ୟରେ ଚାଲିଥିବା ରୂପାନ୍ତରଣ କାର୍ଯ୍ୟ ଓ ଲୋକାଭିମୁଖୀ ଯୋଜନା ପାଇଁ ଆଜି ଆଦିବାସୀ ସମ୍ପ୍ରଦାୟ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତାମାନେ ନବୀନ ନିବାସ ଆସି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧକ୍ଷଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ମୟୂରଭଞ୍ଜ ଓ ସମ୍ବଲପୁରର ସଂଗଠନ ନବୀନ ନିବାସରେ ମୁଖ୍ୟମନ୍ତ୍ରୀ ତଥା ୫-ଟି ଅଧକ୍ଷଙ୍କୁ ସାକ୍ଷାତ କରି ଶୁଭେଚ୍ଛା ଜଣାଇବା ସହିତ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ ସଂକଳ୍ପ ନେଇଛନ୍ତି। ସୂଚନା ଅନୁସାରେ ମୟୂରଭଞ୍ଜ ଜିଲ୍ଲାର ସାନ୍ତାଳ, ହୋ, ଭୂମିଜ, ହୁଇଆ, ମୁଣ୍ଡା, ବାଧୁଡ଼ି ଆଦି ସମ୍ପ୍ରଦାୟର ଜନତା ନବୀନ ନିବାସ ଆସିଥିଲେ। ସେହିପରି ସମ୍ବଲପୁରର ଗଣ୍ଡ ଓ କିସାନ କମିଟି ସଦସ୍ୟମାନେ ଆସିଥିଲେ। ହୋ ସମ୍ପ୍ରଦାୟର ସମାୟ ପୂର୍ତ୍ତୀ କହିଛନ୍ତି, ଆଦିବାସୀମାନଙ୍କର ସର୍ବାଙ୍ଗୀଣ ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ପଦକ୍ଷେପ ନେଇଛନ୍ତି। ଆଦିବାସୀମାନଙ୍କର ଜୀବନ ଜୀବିକା ଠାରୁ ଆରମ୍ଭ କରି ଭାଷା, କଳା ସାହିତ୍ୟ, ସଂସ୍କୃତିର ସୁରକ୍ଷା ତଥା ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ପଦକ୍ଷେପ ନେଇଛନ୍ତି ସେଥିପାଇଁ ଯେତେ ଧନ୍ୟବାଦ ଦେଲେ ବି କମ୍ ହେବ। ଆଜି ଆମେ ମୁଖ୍ୟମନ୍ତ୍ରୀ ଏବଂ ୫-ଟି ଅଧକ୍ଷଙ୍କୁ ଭେଟି ଏସବୁ ପଦକ୍ଷେପ ପାଇଁ ଧନ୍ୟବାଦ ଦେବା ସହିତ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ଆସନରେ ବସାଇବା ପାଇଁ ନିଜର ପ୍ରତିବଦ୍ଧତା ପ୍ରକାଶ କଲୁ। ଆଦିବାସୀ ନେତାମାନେ କହିଛନ୍ତି, ବିଏସ୍‌କେୱାଇ ଯୋଜନା କାର୍ଯ୍ୟକାରୀ କରିବା, ଲକ୍ଷ୍ମୀ ବସ୍ ଚଳାଚଳ କରାଇବା, ପ୍ରତି ପଞ୍ଚାୟତରେ ଆମ ବ୍ୟାଙ୍କ ସ୍ଥାପନ, ସ୍ୱତନ୍ତ୍ର ଉନ୍ନୟନ ପରିଷଦକୁ ସୁଦୃଢ଼ କରିବା ଭଳି ଅନେକ ଅଭିନବ ପଦକ୍ଷେପ ନେଇଛନ୍ତି ମୁଖ୍ୟମନ୍ତ୍ରୀ। ରାଜ୍ୟର କୋଣ ଅନୁକୋଣରେ ଥିବା ଆଦିବାସୀ ଭାଇ ଭଉଣୀଙ୍କ ଦୁଃଖ ଦୂର କରିଛନ୍ତି ମୁଖ୍ୟମନ୍ତ୍ରୀ। ଗଣ୍ଡ ସମ୍ପ୍ରଦାୟର ଦାବି ରକ୍ଷା କରି ଭୁବନେଶ୍ୱରରେ ଭବନ ଗଠନ ପାଇଁ ମାଗଣାରେ ଜମି ଦେଇଛନ୍ତି। ସେଥିପାଇଁ ଆଜି ଆମେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏବଂ ୫-ଟି ଅଧକ୍ଷଙ୍କୁ ସାକ୍ଷାତ କରି କୃତଜ୍ଞତା ଜ୍ଞାପନ କରିଥିଲୁ ବୋଲି କହିଛନ୍ତି।

# ବଜରଙ୍ଗ ଦଳର ଗୁରୁତ୍ୱପୂର୍ଣ୍ଣ ବୈଠକ



**ସମ୍ବଲପୁର, ୯।୪(ସମିସ):** ବଜରଙ୍ଗ ଦଳ ସମ୍ବଲପୁର ମହାନଗର ଶାଖା ପକ୍ଷରୁ ହୀରାକୁଦ ଲକ୍ଷ୍ମୀ ନାରାୟଣ ମନ୍ଦିର ପରିସରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ସମ୍ବଲପୁର ମହାନଗର ବଜରଙ୍ଗ ଦଳ ସଂଯୋଜକ ବିକାଶ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିବା ଏହି ବୈଠକରେ ବଜରଙ୍ଗ ଦଳ ପ୍ରାନ୍ତୀୟ ସଂଗଠନ ମନ୍ତ୍ରୀ ସତ୍ୟ ଥନାପତି, ବିଶ୍ୱହିନ୍ଦୁ ପରିଷଦର ଓଡ଼ିଶା ପଶ୍ଚିମ ପ୍ରାନ୍ତର ସେବା ପ୍ରମୁଖ ବିପିନ ଗଡ଼ନାୟକ ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ଏଥିରେ ଆସନ୍ତା ୧୧ ତାରିଖରେ ବିଶ୍ୱହିନ୍ଦୁ ପରିଷଦ ଓ ବଜରଙ୍ଗଦଳ ପକ୍ଷରୁ ହୀରାକୁଦରେ ପାଳନ ହେବାକୁ ଥିବା ରାମ ମହୋତ୍ସବ ଆୟୋଜନ ଉପରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରାଯାଇଥିଲା। କାର୍ଯ୍ୟକ୍ରମରେ ବିଶ୍ୱହିନ୍ଦୁ ପରିଷଦର କେନ୍ଦ୍ରୀୟ ସହ ସଂଗଠନ ମନ୍ତ୍ରୀ ବିନୟ ରାଓ ଦେଶପାଣ୍ଡେ ଜୀ ଯୋଗଦେବେ ବୋଲି ବୈଠକରେ ଘୋଷଣା କରାଯାଇଛି। ବୈଠକରେ ମହାନଗର ଶାଖାର ସଭ୍ୟ ଗୌରାଙ୍ଗ ଦାସ, ଅଭି ଗୌଡ, ବାସନ୍ତୀ ପାଣିଗ୍ରାହୀ, ସୁବାଷିନୀ ବେହେରା, ଗୀତାଞ୍ଜଳି ସ୍ୱାଇଁ, ଆକାଶ ବେହେରା, ଅଭିଷେକ କଲେତ, ରିଶିକେଶ ରାମ, ସୋନୁ ବେହେରା, କାର୍ତ୍ତିକ ପାତ୍ର, ବିକି ବେହେରା, ଅଜୟ ମିର୍ଦ୍ଧା ପ୍ରମୁଖ ଉପସ୍ଥିତ ଥିଲେ।

# ରାଷ୍ଟ୍ରୀୟ ନବବର୍ଷ କାର୍ଯ୍ୟକ୍ରମରେ ଯୋଗଦେଲେ କେନ୍ଦ୍ରମନ୍ତ୍ରୀ

**ସମ୍ବଲପୁର, ୯।୪ (ସମିସ):** ଏହା ଜୀବନ ଚକ୍ରର ଏକ ପବିତ୍ର ପର୍ବ। ସେବା ସଂସ୍କୃତି, ଆମ ସଭ୍ୟତା, ଆମ ପରମ୍ପରା ଅନୁଯାୟୀ ଆମେ ନବବର୍ଷ ପାଳନ



ମନୋବୃତ୍ତି ନେଇ ଆମେ ପ୍ରତିବର୍ଷ ରାଷ୍ଟ୍ରୀୟ ନବବର୍ଷ ପାଳନ କରିବା ଆମ କରିବା। ସମ୍ବଲପୁରଠାରେ ଆୟୋଜିତ ରାଷ୍ଟ୍ରୀୟ ନବବର୍ଷ କାର୍ଯ୍ୟକ୍ରମରେ ଏପରି ପରାମର୍ଶ ଦେଇଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଥିଲେ, ଦୀର୍ଘ ଦିନ ଧରି ଭାରତ ବିଦେଶୀ ଶକ୍ତିଙ୍କ କବଳରେ ରହିଥିଲା। ଇଂରେଜମାନେ ଆମକୁ ଶାସନ କରୁଥିଲେ। ସେମାନଙ୍କ ପ୍ରଥମ ଲକ୍ଷ୍ୟ ଥିଲା ଆମ ସଂସ୍କୃତି, ସଭ୍ୟତାକୁ ନଷ୍ଟ କରି ଶିକ୍ଷା ପଦ୍ଧତିକୁ ବଦଳାଇବା। ଇଂରେଜ ଶାସନରେ ରହି ଆମେ କିଛି ଦିନ ପାଇଁ ସନାତନ ସଭ୍ୟତାକୁ ଭୁଲି ଯାଇଥିଲୁ। କିନ୍ତୁ ସମୟ ଚକ୍ର ବଦଳିଛି। ୫୦୦ ବର୍ଷ ସଂଘର୍ଷ ପରେ ଅଯୋଧାରେ ରାମଲାଲାଙ୍କ ଭବ୍ୟ ମନ୍ଦିର ସ୍ଥାପନା ହୋଇଛି। ପୁଣି ଥରେ ଆମ ପରମ୍ପରା, ଆମ ସଭ୍ୟତାକୁ ଆମେ ଗର୍ବ କରିବାର ସମୟ ଆସିଛି। ଏହି ଅବସରରେ ସମ୍ବଲପୁରର ପ୍ରତିଷ୍ଠିତ ଗାୟକ ବିଭୂତି ପଟ୍ଟନାୟକ, ଦିଲ୍ଲୀପ ବାଗ, ସଙ୍ଗୀତ ନିର୍ଦ୍ଦେଶକ ତ୍ରିଲୋଚନ ତ୍ରିପାଠୀ, ଗାୟିକା ଦେବୀ ରାଣୀ, ପ୍ରସିଦ୍ଧ ଗାୟକ ଉମାକାନ୍ତ ବାରିକ, ରାଜକୁମାର ଜାଲ ଓ ପ୍ରୀତିନନ୍ଦା ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

# ନୃସିଂହ ଗୁରୁ ଟାଉନ ହାଇସ୍କୁଲରେ ବିଶ୍ୱ ସ୍ୱାସ୍ଥ୍ୟ ଦିବସ




**ସମ୍ବଲପୁର, ୯।୪(ସମିସ):**ସ୍କୁଲ ଆଲୁମିନି ଆନୁକୂଲ୍ୟରେ ନୃସିଂହ ଗୁରୁ ଟାଉନ ହାଇସ୍କୁଲରେ ଡ଼ ପରେଶ ଦାନୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ସମ୍ପାଦକ ଦୀନବନ୍ଧୁ ପଣ୍ଡା ସମସ୍ତଙ୍କୁ ସ୍ୱାଗତ କରି ବିଶ୍ୱ ସ୍ୱାସ୍ଥ୍ୟ ଦିବସର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରି, ଛାତ୍ର ମାନଙ୍କୁ ନିଜ ତଥା ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଉପରେ ସଚେତନ ରହିବାକୁ କହିଥିଲେ। ଏହି ସଭାରେ ପତଞ୍ଜଳୀ ଯୋଗ ସମିତିର ରାଜ୍ୟ ପ୍ରଭାରୀ ଜେ. ଗିରିଜା ଦେବୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ର ମାନଙ୍କୁ ସ୍ୱାସ୍ଥ୍ୟ ପାଇଁ ଯୋଗର ଭୂମିକା ଉପରେ ଆଲୋଚନା କରିଥିଲେ। ଛାତ୍ରମାନଙ୍କୁ କିଛି ନିର୍ଦ୍ଦିଷ୍ଟ ଯୋଗ ସାମୁହିକ ଭାବେ ଅଭ୍ୟାସ କରାଇଥିଲେ। ସ୍କୁଲ ପ୍ରଧାନ ଶିକ୍ଷୟତ୍ରି ଭୁଜାତା ନନ୍ଦ ଓ ମୀନା କୁମାରୀ ଛାତ୍ରମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବଢ଼ାଇବା ପାଇଁ ସ୍ୱାସ୍ଥ୍ୟ ସହିତ ମନର ଦୃଢତା ବଢେଇବା ପାଇଁ ଯୋଗାଭ୍ୟାସ କରିବାକୁ ଆହ୍ୱାନ କରିଥିଲେ। ବେଦବ୍ୟାସ ସୂପକାର ପିଲାଙ୍କୁ ସ୍ୱାସ୍ଥ୍ୟ ସଚେତନ ହୋଇ ଯୋଗ ଦ୍ୱାରା ସ୍ମରଣ ଶକ୍ତି ଆହରଣ ବିଷୟରେ କହିଥିଲେ। ଯୁଗ୍ମ ସମ୍ପାଦକ ଗୋରେଖଲାଲ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ଏସପିଙ୍କ ବ୍ୟବହାରରେ ଗଣମାଧ୍ୟମ ପ୍ରତିନିଧିଙ୍କ କ୍ଷୋଭ

**ସମ୍ବଲପୁର, ୯।୪(ସମିସ)**

ସମ୍ବଲପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ହନୁମାନ ଜୟନ୍ତୀ ଶୋଭାଯାତ୍ରାକୁ ନେଇ ଚାଲିଥିବା ପ୍ରସ୍ତୁତି ବୈଠକରେ ଏସପି ମୁକେଶ କୁମାର ଭାମୁଙ୍କ ବ୍ୟବହାରକୁ ନେଇ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଏନେଇ କ୍ଷମା ପ୍ରାର୍ଥନା କରିବା ସହ ଆଗକୁ ଏଭଳି ଘଟଣା ଘଟିବ ନାହିଁ ବୋଲି କହିଥିଲେ। ମଙ୍ଗଳବାର ଶ୍ରୀରାମ ନବମୀ ଓ ହନୁମାନ ଜୟନ୍ତୀ ପାଳନ ପାଇଁ ଶାନ୍ତି ଓ ସମନ୍ୱୟ କମିଟି ବୈଠକ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଆୟୋଜନ କରାଯାଇଥିଲା। ଏଥିପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବଲପୁରର ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ଖବର ସଂଗ୍ରହ ପାଇଁ ମଧ ଡକା ଯାଇଥିଲା। ବୈଠକ ଆରମ୍ଭ ହେବାର ଅଧ ଘଣ୍ଟା ପରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସମସ୍ତ ସାମ୍ବାଦିକଙ୍କୁ ବାହାରକୁ ଯିବା ପାଇଁ କହିଥିଲେ। ହେଲେ ସମ୍ବାଦିକ ମାନେ ଖବର ସଂଗ୍ରହ ପାଇଁ ଆସିଛୁ ବୈଠକ ଶେଷ ହେଲେ ଯିବୁ ବୋଲି ପ୍ରତି ଉତ୍ତର ରଖିଥିଲେ। କିଛି ସମୟ ପରେ ଏସ୍‌ପି ବୈଠକରୁ ସମସ୍ତ ସାମ୍ବାଦିକଙ୍କୁ ବାହାରକୁ ଚାଲିଯିବା ପାଇଁ କହିଥିଲେ। 'ଫଟୋ ଭିଜୁଆଲ ସଂଗ୍ରହ କରିସାରିଛ ପରେ ଆମେ ପୁଣି ଡାକିବୁ ତମେମାନେ ବାହାରକୁ ଚାଲିଯାଅ' ବୋଲି ଏସପି କହିଥିଲେ। ଏଥିରେ ପ୍ରତିକ୍ରିୟା ପ୍ରକାଶ କରି ଗଣମାଧ୍ୟମ ପ୍ରତିନିଧିମାନେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଥିଲେ।



# ପାଟଣେଶ୍ୱରୀ ମନ୍ଦିରର ନୂତନ ଟ୍ରଷ୍ଟ ବୋର୍ଡ ଗଠିତ



**ସମ୍ବଲପୁର, ୯।୪(ସମିସ):**ସମ୍ବଲପୁରର ଅନ୍ୟତମ ପ୍ରମୂଖ ଶକ୍ତିପୀଠ ପାଟଣେଶ୍ୱରୀ ମନ୍ଦିରର ନୂତନ ଟ୍ରଷ୍ଟ ବୋର୍ଡ ଗଠିତ ହୋଇଛି। ଏଥିରେ ସୁଶାନ୍ତ ପୁରୋହିତ ସର୍ବ ସମ୍ମତି କ୍ରମେ ଟ୍ରଷ୍ଟି ଭାବରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ସହ ସର୍ବଶ୍ରୀ ନୃସିଂହ ଦାସ, ପ୍ରେମ ରଞ୍ଜନ ପ୍ରଧାନ, ଅଶୋକ କୁମାର ପ୍ରଧାନ, ଡ.ସତ୍ୟ ନାରାୟଣ ଠାକୁର, ସିଦ୍ଧାର୍ଥ ଦଫେଦାର, ଶକ୍ତି ପ୍ରସାଦ ପାଣିଗ୍ରାହୀ ସଦସ୍ୟ ଭାବେ ମନୋନିତ ହୋଇଛନ୍ତି। ଦେବୋତ୍ତର ବିଭାଗର ପତ୍ର ଅନୁସାରେ ସଦସ୍ୟମାନେ ନୂତନ ଦାୟିତ୍ୱ ଗ୍ରହଣ କରି ମା'ଙ୍କ ନିକଟରେ ଆଶୀର୍ବାଦ ଭିକ୍ଷା କରିଥିଲେ। ବୈଠକରେ ପୂର୍ବତନ ସଦସ୍ୟ ସୁଧୀର ପୂଜାରୀ, ପ୍ରମୋଦ ରାଠୀ, ପ୍ରକାଶ ପ୍ରଧାନ, ଧୀରେନ୍ଦ୍ର ଦାଶ ଉପସ୍ଥିତ ରହି ନୂତନ ଗଠିତ ଟ୍ରଷ୍ଟକୁ ଦାୟିତ୍ୱ ହସ୍ତାନ୍ତର କରିଥିଲେ।